RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -163 | ସଂଖ୍ୟା-୧୬୩
ଭୁବନେଶ୍ୱର, ସୋମବାର, ୦୮ ସେପ୍ଟେମ୍ବର ୨୦୨୫
Bhubaneswar, Monday, 08, September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଦିଲ୍ଲୀ ଗଲେ ନବୀନ-ମନମୋହନ

ଭୁବନେଶ୍ୱର, ୭।୯: ଓଡ଼ିଶାର ରାଜନୈତିକ ମହଲରେ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। କାରଣ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକା ସାଥିରେ ଦିଲ୍ଲୀ ଗସ୍ତରେ ଅଛନ୍ତି। ଏହି ଗସ୍ତ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ସଙ୍କେତ ଦେଉଛି ବୋଲି ଅନୁମାନ କରାଯାଉଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ବିଳମ୍ବିତ ରାତିରେ ଦିଲ୍ଲୀ ଗସ୍ତ କରିଛନ୍ତି। ବଡ଼କଥା ହେଉଛି ଯେ, ମାତ୍ର ଗୋଟିଏ ଦିନ ପୂର୍ବରୁ ସେ ଦିଲ୍ଲୀରୁ ଓଡ଼ିଶା ଫେରିଥିଲେ। ତାଙ୍କର ଏହି ବାରମ୍ବାର ଦିଲ୍ଲୀ ଗସ୍ତ ଏବେ ରାଜ୍ୟ ରାଜନୀତିରେ ନୂଆ କଳ୍ପନାଜଳ୍ପନାକୁ ଜନ୍ମ ଦେଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ସାମଲ ଦିଲ୍ଲୀରେ କେନ୍ଦ୍ରୀୟ ଭାଜପା ନେତୃତ୍ୱଙ୍କୁ ଭେଟି ରାଜ୍ୟ କମିଟି, ବୋର୍ଡ ନିଗମ ଏବଂ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି। ଏହାପୂର୍ବରୁ ସେ ଦଳର ରାଷ୍ଟ୍ରୀୟ ସମ୍ପାଦକ ବି ଏଲ ସନ୍ତୋଷଙ୍କୁ ସାକ୍ଷାତ କରିଥିବା ଏବଂ ୧୮ ଜଣ ଏମପିଙ୍କ ସହ ବୈଠକ କରିଥିବା ସୂଚନା ମିଳିଛି।

ଅନ୍ୟପଟେ, ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜିଠାରୁ ଚାରି ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଏହି ଗସ୍ତ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ହୋଇଥାଇପାରେ



ବୋଲି ଏହାକୁ ନେଇ ରାଜନୈତିକ ମହଲରେ ବ୍ୟାପକ ଚର୍ଚ୍ଚା ଚାଲିଛି। ସୂଚନା ଅନୁଯାୟୀ, ନବୀନ ଦିଲ୍ଲୀରେ ବିଜେଡି ଏମପିଙ୍କ ସହ ଆଲୋଚନା କରିପାରନ୍ତି, ଯେଉଁଥିରେ ଉପରାଷ୍ଟ୍ରପତି ନିର୍ବାଚନ ସମ୍ପର୍କିତ ରଣନୀତି ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଏନଡିଏ ଓ ବିରୋଧୀ ଦଳମାନଙ୍କ ମଧ୍ୟରେ ତୀବ୍ର ରାଜନୈତିକ ଗତିବିଧି ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମନମୋହନ ସାମଲଙ୍କ ଦିଲ୍ଲୀ ଗସ୍ତ ଏବଂ ନବୀନ ପଟ୍ଟନାୟକଙ୍କ ଯାତ୍ରାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏହାପୂର୍ବରୁ ନବୀନ ଉସୁସ୍ଥ ଥିବା ସମୟରେ ଦିଲ୍ଲୀରୁ ନବୀନଙ୍କୁ ଘନଘନ ଫୋନ ଆସୁଥିବା ଦେଖାଯାଇଛି। ତାଙ୍କର ଅସୁସ୍ଥତା କାରଣ ବୁଝିବା ସହ ଖୁବଶୀଘ୍ର ଦିଲ୍ଲୀ ଆସିବାକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଆଉ ଏହି ନିମନ୍ତ୍ରଣ କେବଳ ଭାଜପା ନୁହେଁ କଂଗ୍ରେସରୁ ମଧ୍ୟ ମିଳିଥିଲା। ଖୋଦ୍? ପ୍ରଧାନମନ୍ତ୍ରୀ ମୋଦି, ନବୀନଙ୍କୁ ସେହି ସମୟରେ ଦିଲ୍ଲୀ ଆସିବାକୁ ଅନୁରୋଧ କରିଥିଲେ।

ମନମୋହନ ସାମଲଙ୍କ ଗସ୍ତକୁ ଓଡ଼ିଶାର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ସହ ମଧ୍ୟ ଯୋଡ଼ି ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର ରାଜ୍ୟରେ କାର୍ଯ୍ୟ କରୁଥିବା ବେଳେ, ମନ୍ତ୍ରୀମଣ୍ଡଳରେ ନୂଆ ମୁହଁ ଯୋଗ ହେବା ନେଇ ଜଳ୍ପନା ଜାରି ରହିଛି। ଏହାକୁ ନେଇ ସାମଲଙ୍କ ଦିଲ୍ଲୀ ଯାତ୍ରାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

# ସିବିଏସଇ ଢାଞ୍ଚାରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

କଟକ: ସିବିଏସଇ ଢାଞ୍ଚାରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଦେଶର ଦୁଇ ପ୍ରମୁଖ ପରୀକ୍ଷା ପରିଚାଳନା ସଂସ୍ଥା ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଟେକନିକ ଅନୁଯାୟୀ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ।



ଓଟିଇଟି ପରୀକ୍ଷାରେ ବିଭ୍ରାଟ ହେବା ପରେ ଏହି ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ସଂସ୍ଥାର ଟେକନିକ ଅନୁଧ୍ୟାନ କରାଯାଇଛି। ଆସନ୍ତା ୨୭ ତାରିଖରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଡିଜି ଲକର, ବକ୍ସ, ଟ୍ରଙ୍କରେ ପ୍ରଶ୍ନପତ୍ର ପୁଲିସ ସହାୟତାରେ ଯିବ। ଜିଲ୍ଲାପାଳ, ଏସପି ଓ ଡିଇଓଙ୍କ ସହାୟତାରେ ହେବ ପରୀକ୍ଷା। ୧୯୩ ଟି କେନ୍ଦ୍ରରେ ପରୀକ୍ଷା ହେବ। ସେପ୍ଟେମ୍ବର ୧୭ ତାରିଖରୁ ଆଡ଼ମିଟ କାର୍ଡ ହେବ ଉପଲବ୍ଧ।

ସେ କହିଛନ୍ତି, ଓଟିଇଟି ପରୀକ୍ଷାରେ ବିଭ୍ରାଟ ହେବା ପରେ ଏହି ସିବିଏସଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ସଂସ୍ଥାର ଟେକନିକ ଅନୁଧ୍ୟାନ କରାଯାଇଛି। ଆସନ୍ତା ୨୭ ତାରିଖରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଡିଜି ଲକର, ବକ୍ସ, ଟ୍ରଙ୍କରେ ପ୍ରଶ୍ନପତ୍ର ପୁଲିସ ସହାୟତାରେ ଯିବ। ଜିଲ୍ଲାପାଳ, ଏସପି ଓ ଡିଇଓଙ୍କ ସହାୟତାରେ ହେବ ପରୀକ୍ଷା। ୧୯୩ ଟି କେନ୍ଦ୍ରରେ ପରୀକ୍ଷା ହେବ। ସେପ୍ଟେମ୍ବର ୧୭ ତାରିଖରୁ ଆଡ଼ମିଟ କାର୍ଡ ହେବ ଉପଲବ୍ଧ। ୨୭ ଯାଏ ଆଡ଼ମିଟ କାର୍ଡ ନେଇ ପାରିବେ ପରୀକ୍ଷାର୍ଥୀ। ପୂର୍ବରୁ ଏଭଳି କଥା ଜାଣି ନ ପରିବାରୁ ଓଟିଇଟିରେ ଏଭଳି ବଡ଼ ଅଘଟଣ ହୋଇଥିଲା। ପରୀକ୍ଷା ପରିଚାଳନାରେ ଯେଉଁମାନେ ଅଛନ୍ତି, ସେମାନଙ୍କ ଉପରେ ବି ନଜର ରହିଛି। ୨୭ରେ ହିଁ ହେବ ପରୀକ୍ଷା। ଯାହା ପ୍ରଶ୍ନପତ୍ର ପ୍ୟାଟର୍ନ ରହିଥିଲା ସେହି ଅନୁଯାୟୀ ଏବଂ ସେହି ସେଣ୍ଟରରେ ପରୀକ୍ଷା ହେବ। ବ୍ୟବସ୍ଥାରେ ଆହୁରି କିଛି ନୂଆ କଥା ଯୋଡ଼ାଯାଇଛି। ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଅବଗତ କରାଯିବ।

# କାର ତଳେ ଚାପି ହୋଇ ୩ ମୃତ, ତିନି ଗୁରୁତର

ଅନୁଗୁଳ,୭।୯(ନି.ପ୍ର.): ଅଟୋ କାର ମୁହାଁମୁହିଁ ଧକ୍କା ହେବା ସହ ଅଟୋକୁ ଘୋଷାଡି ନେଲା କାର। ଫଳରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଶନିବାର ଦିନ ୩ ଟାସମୟରେ ଅନୁଗୁଳ ମହିଧରପୁର ରାସ୍ତାର ଖଣ୍ଡହତା ବ୍ରିଜ ନିକଟରେ ଅଟୋ ସହିତ କାର ମୁହାଁମୁହିଁ ଧକ୍କା ହୋଇଥିଲା। ମୃତକ ମାନେ ହେଲେ ବଂଶୀଧର ସେଠି, କମଳା ସେଠି ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି ଓ ଗୁରୁତର ମାନେ ହେଲେ ସୁନିତା ସେଠି, ପୁଅ ଶ୍ରୀ ସାଇ ସେଠି, ବିଶ୍ୱଜିତ। ଢେଙ୍କାନାଳ ଜିଲ୍ଲା ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠିଙ୍କ ଦେହ ଖରାପ ହେବାରୁ ଅନୁଗୁଳ ଚିକିତ୍ସାଳୟକୁ ଦେହ ଦେଖାଇବା ପାଇଁ ଏକ ଅଟୋ ଯୋଗେ ବଂଶୀଧରଙ୍କ ସ୍ତ୍ରୀ କମଳା ସେଠି, ବୋହୂ ସୁନିତା ସେଠି ଏବଂ ପୁଅ ଶ୍ରୀ ସାଇ ସେଠି କୁ ନେଇ ଚିକିତ୍ସାଳୟକୁ ଆସିଥିଲେ। ଦେହ ଦେଖାଇବା ପରେ ବଂଶୀଧରଙ୍କ ସମୁଦି ଘର ଅନୁଗୁଳ ସହର ସିମିଳିପଡା ଯାଇଥିଲେ। ସେଠାରୁ ଫେରିବାବେଳେ ଅଟୋ ଯୋଗେ କାରନ୍ଦା ଗ୍ରାମକୁ ଫେରୁଥିଲେ। ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ –କାର ରାସ୍ତା କଡରେ ଥିବା ବିଲ ଭିତରକୁ ପଶିଯାଇଥିଲା। ଦୁର୍ଘଟଣା ଏପରି ଥିଲାଯେ ଅଟୋଟି କାର ତଳେ ଚାପି ହୋଇ ରହି ଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଯାଉଥ?ବା ବଂଶୀଧର ସେଠି, ସ୍ତ୍ରୀ କମଳା ସେଠି, ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବୋହୂ ସୁନିତା ସେଠି ଏବଂ ଶ୍ରୀ ସାଇ ସେଠି ଗୁରୁତର ହୋଇଥିଲେ। ଏ ପଟେ କାର ମାଲିକ ଗୁରୁତର ଥିବାବେଳେ କାର ଚାଳକଙ୍କର କୌଣସି ଖବର୍ ମିଳିନାହିଁ।

# ମଝି ଆକାଶରେ ହେଲିକପ୍ଟରରେ ଲାଗିଲା ନିଆଁ, ଜଳିଗଲେ ସମସ୍ତ ଯାତ୍ରୀ

ୱାଶିଂଟନ,୭।୯: ଆମେରିକାର ମିନେସୋଟାର ଟ୍ୱିନ୍? ସିଟିଜ୍? ଅଞ୍ଚଳରେ ବିମାନବନ୍ଦର ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା। ତେବେ ଏଥିରେ ଥିବା ସମସ୍ତ ଯାତ୍ରୀ ପ୍ରାଣ ହରାଇଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ରବିନସନ ଜ-୬୬। ଏହା ଏୟାରଲେକ ବିମାନବନ୍ଦରର ପଶ୍ଚିମରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ସ୍ଥାନୀୟ ସମୟ ପ୍ରାୟ ୨.୪୫ ସମୟରେ ଏହି ଘଟଣା ଘଟିଥିଲା।

ରିପୋର୍ଟ ଅନୁସାରେ, ଘଟଣାସ୍ଥଳରେ ପହଞ୍ଚିଥିବା ଜରୁରୀକାଳିନ କର୍ମଚାରୀମାନେ ହେଲିକପ୍ଟରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ଘଟଣାରୁ କୌଣସି ଯାତ୍ରୀ ବଞ୍ଚି ପାରିନାହାନ୍ତି। ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଅଧିକାରୀମାନେ ହେଲିକପ୍ଟରର ତଦନ୍ତ ଏବଂ ଦୁର୍ଘଟଣାର କାରଣ ଖୋଜିବାରେ ସମ୍ପୂର୍ଣ୍ଣ ନିୟୋଜିତ ଅଛନ୍ତି। ହେଲିକପ୍ଟରରେ କେତେ ଲୋକ ଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଅନୁଯାୟୀ, ଦୁର୍ଘଟଣାସ୍ଥଳଟି ଏକ ଅଣ-ଆବାସିକ ଏବଂ ଅଣ-ବାଣିଜ୍ୟିକ ଅଞ୍ଚଳରେ ରହିଛି। ରବିନସନ ଜ-୬୬ ହେଉଛି ରବିନସନ ହେଲିକପ୍ଟର କମ୍ପାନୀ ଦ୍ୱାରା ଡିଜାଇନ କରାଯାଇଥିବା ଏକ ହାଲୁକା, ଏକକ ଇଞ୍ଜିନ ଟର୍ବାଇନ ହେଲିକପ୍ଟର। ଏଥିରେ ଏକ କାଚ୍ କକ୍?ପିଟ ଏବଂ ଆଧୁନିକ ଏଭିଓନିକ୍ସ ସିଷ୍ଟମ ଅଛି, ଯାହା ପାଇଲଟ୍?ଙ୍କୁ ଉଡ଼ାଣ ସମୟରେ ଉତ୍ତମ ଦୃଶ୍ୟମାନତା ଏବଂ ନାଭିଗେସନ ପ୍ରଦାନ କରେ। ଏହାର ଡିଜାଇନ ଛୋଟ ବ୍ୟବସାୟ ବ୍ୟବହାର, ବ୍ୟକ୍ତିଗତ ଉଡ଼ାଣ ଏବଂ ତାଲିମ ଉଦ୍ଦେଶ୍ୟରେ ଉପଯୁକ୍ତ। ଏହାର ସର୍ବାଧିକ ଉଡ଼ାଣ ପରିସର ପ୍ରାୟ ୩୫୦ ମାଇଲ ଏବଂ ଏହା ୨୪୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଉଡ଼ିପାରିବ।

# ଭାରତ ଉପରୁ ଶୁଳ୍କ ହଟାଇବ କି ଆମେରିକା

ୱାଶିଂଟନ,୭।୯: ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଶୁଳ୍କ ବିବାଦକୁ ନେଇ ରାଜନୈତିକ ଲବିଷ୍ଟ ଜେସନ ମିଲର ୱାଶିଂଟନ ଡିସିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି। ମିଲର ହେଉଛନ୍ତି ସେହି ଲବିଷ୍ଟ ଯାହାଙ୍କୁ ଭାରତ ସରକାର କିଛି ମାସ ପୂର୍ବରୁ ଆମେରିକା ପ୍ରଶାସନ ନିକଟରେ ନିଜର କୂଟନୈତିକ ସୁଦୃଢ଼ କରିବା ପାଇଁ ନିଯୁକ୍ତ କରିଥିଲେ। ମିଲର ହ୍ୱାଇଟ୍ ହାଉସରୁ ଟ୍ରମ୍ପଙ୍କ ସହ ତାଙ୍କର ଫଟୋ ଶେୟାର କରି ଲେଖିଛନ୍ତି, 'ୱାଶିଂଟନରେ ଏକ ମହାନ ସପ୍ତାହ କଟିଲା। ଅନେକ ବନ୍ଧୁଙ୍କୁ ଭେଟିଲି ଏବଂ ସପ୍ତାହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା ରାଷ୍ଟ୍ରପତିଙ୍କୁ କାର୍ଯ୍ୟରେ ଦେଖିବା। ଯଦିଓ ଏହି ବୈଠକର ସରକାରୀ ଏଜେଣ୍ଡା ପ୍ରକାଶ କରାଯାଇ ନାହିଁ, ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ ଏହି ସମୟରେ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ଏବଂ ଶୁଳ୍କ ପୁଣି ଥରେ ଚର୍ଚ୍ଚାରେ ରହିଛି। ଉଭୟ ଦେଶର ଆର୍ଥିକ ରଣନୀତି ଉପରେ କଡ଼ା ନଜର ରଖାଯାଇଛି।

ଜେସନ ମିଲର ଦୀର୍ଘ ସମୟ ଧରି ଟ୍ରମ୍ପଙ୍କ ନିକଟତର ଅଛନ୍ତି ଏବଂ ୨୦୧୬ ନିର୍ବାଚନରେ ତାଙ୍କର ମୁଖ୍ୟ ମିଡିଆ ମୁଖପାତ୍ର ଥିଲେ। ତାଙ୍କୁ ହ୍ୱାଇଟ୍ ହାଉସ୍ ଯୋଗାଯୋଗ ନିର୍ଦ୍ଦେଶକ କରାଯିବାର ଥିଲା, କିନ୍ତୁ ବ୍ୟକ୍ତିଗତ ବିବାଦ ଏବଂ ଅଭିଯୋଗ ଯୋଗୁ ତାଙ୍କୁ ଏହି ପଦରୁ ହଟିବାକୁ ପଡ଼ିଲା। ତାଙ୍କ ଉପରେ ଯୌନ ଉତ୍ପୀଡ଼ନ ଏବଂ ସମ୍ପର୍କ-ସମ୍ବନ୍ଧୀୟ ବିବାଦର ଅଭିଯୋଗ ଆସିଥିଲା। ଏହା ସତ୍ତ୍ୱେ, ସେ ଟ୍ରମ୍ପଙ୍କ ରାଜନୈତିକ ସର୍କଲରେ ରହିଥିଲେ ଏବଂ ୨୦୨୦ ଏବଂ ୨୦୨୪ ନିର୍ବାଚନ ପ୍ରଚାରରେ ଜଣେ ପ୍ରମୁଖ ପରାମର୍ଶଦାତା ଥିଲେ। ୨୦୨୦ରେ, ସେ SHW Partners LLC ପ୍ରତିଷ୍ଠା କରିଥିଲେ ଏବଂ ଜଣେ ବିଦେଶୀ ଲବିଷ୍ଟ ଭାବରେ ପଞ୍ଜୀକୃତ ହୋଇଥିଲେ। ଶୁଳ୍କକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ବର୍ତ୍ତମାନ ଉତ୍ତ?ଜନା ରହିଛି। ଏପରି ପରିସ୍ଥିତିରେ, ଜେସନ ମିଲରଙ୍କ ଟ୍ରମ୍ପଙ୍କ ସହ ସାକ୍ଷାତ ଏବଂ ଭାରତ ସରକାର ତାଙ୍କୁ ଜଣେ ଲବିଷ୍ଟ କରିବା କୂଟନୈତିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ବୈଠକ ପରେ ଟ୍ରମ୍ପ ତାଙ୍କ ନିଷ୍ପତ୍ତି ବଦଳାଇ ପାରନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।



ରବିବାର ଛୁଟିଦିନରେ ବି ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟରେ ବ୍ୟସ୍ତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

# ୧୩ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର,୭।୯(ନି.ପ୍ର.): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଓଡ଼ିଶାରେ ଆସନ୍ତା ୭ ରୁ ୧୩ ସେପ୍ଟେମ୍ବର ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ହେବାର ସମ୍ଭାବନା ରହିଛି। ମୌସୁମୀ ସକ୍ରିୟ ଥିବାରୁ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳରେ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି, ବିଜୁଳି ଓ ୩୦-୪୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଘଡ଼ଘଡ଼ି ଓ ବିଜୁଳି ସହ ୩୦-୪୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି।

ସୋମବାରରୁ ମଙ୍ଗଳବାର ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତିରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ଣ୍ଣିଂ ଜାରି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମରେ ଘଡ଼ଘଡ଼ି, ବିଜୁଳି ଓ ପବନ ହେବ। ମଙ୍ଗଳବାରରୁ ବୁଧବାର ମଧ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ଓ ବିଜୁଳି ସହ ପବନ ହେବ।

# ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ଇସ୍ତଫା

ନୂଆଦିଲ୍ଲୀ,୭।୯: ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ରବିବାର ଘୋଷଣା କରିଛନ୍ତି। ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି(ଏଲଡିପି)ରେ ସମ୍ଭାବ୍ୟ ବିଭାଜନକୁ ଟାଳିବା ଲାଗି ସେ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଶାସକ ମେଣ୍ଟ ସରକାରକୁ ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଉପର ସଦନରେ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଦୀର୍ଘ ଦିନ ଧରି ନେତୃତ୍ୱ ପରିବର୍ତ୍ତନ ପାଇଁ ଦଳ ଭିତରେ ଦାବି ହୋଇଆସୁଥିଲା। ଏହାକୁ ନେଇ ଦଳରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଥିଲା। ତେଣୁ ପ୍ରଧାନମନ୍ତ୍ରୀ ଦଳରେ ଏକତା ବଜାୟ ରଖିବା ଲାଗି ବାଧ ହୋଇ ଇସ୍ତଫା ଦେଇଥିବା କହିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ନିରୂପମା କରଣ
ମେରାମଣ୍ଡଳୀ ବଜାର, ମୋଟଙ୍ଗା, ଢେଙ୍କାନାଳ
ଆବିର୍ଭାବ :୦୩.୦୮.୧୯୫୮
ତିରୋଧାନ :୨୮.୦୮.୨୦୨୫
ହେ ପୁଣ୍ୟତ୍ମା ଆପଣଙ୍କ ବିୟୋଗରେ ଆଜକୁ ଏଗାର ଦିନ ବିତିଗଲାଣି ଏକଥା ବିଶ୍ୱାସ ହେଉନାହିଁ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତୁମର ସଂଘର୍ଷ, ସେବା, ସଂସ୍କାର, ନିଷ୍ଠା, ସହନଶୀଳତା, ସାହାର୍ଯ୍ୟ, ପରୋପକାରୀ ଓ ଧୈର୍ଯ୍ୟ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିବ। ଆଜିର ଦିନରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: ହତଭାଗା - ଲକ୍ଷ୍ମୀଧର କରଣ, ପୁତ୍ର-ପୁତ୍ରବଧୂ: ସରୋଜ, ସୁବ୍ରତ, ସୁଶାନ୍ତ, ଦୀପା, ଦେବିକା, ସୀମା, ଝିଅ: ରଶ୍ମିତା, ଜ୍ୱାଇଁ: ସୁଜିତ୍, ନାତି-ନାତୁଣୀ- ଶ୍ରୀ, ଖୁସି, ଜୀବ୍, ସ୍ମିତି, ଦିଶା, ଶ୍ରେୟା, ପ୍ରୀତି, ଦେବ୍

# ଓଡ଼ିଆ ସମାଜର ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ଓ ଜଣାଇବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୯(ନି.ପ୍ର.): ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନକରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର। ଏହି କ୍ରମରେ ଓଡ଼ିଶା ସମେତ ଜାତୀୟ ସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟକୁ ଜଣାଇବା ଦରକାର ବୋଲି ଶନିବାର ନୂଆଦିଲ୍ଲୀ ଠାରେ 'ପଲ୍ଲୀବାଣୀ ମିଶନ' ପକ୍ଷରୁ ଆୟୋଜିତ 'ଭାରତୀୟ ସାମ୍ବାଦିକତା ପୁରସ୍କାର - ୨୦୨୫' ଏବଂ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫' ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ମନୋନୀତ ୬ ଜଣ ସାମ୍ବାଦିକମାନଙ୍କୁ ପୁରସ୍କୃତ କରିବା ସହ ଜାତୀୟ ଓ ରାଜ୍ୟ ସ୍ତରରେ ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିବା ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଆ




ଭାଷା ହେଉଛି ଏକ ବିଜ୍ଞାନ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇଥିଲା। ଆମ ଓଡ଼ିଆ ଭାଷାର ଉତ୍କୃଷ୍ଟତା, ଗଭୀରତା ତଥା ମହାପୁରୁଷମାନଙ୍କ ଉତ୍କଣ୍ଠା, ବ୍ୟଗ୍ରତା ଏବଂ ଆନ୍ଦୋଳନ କାରଣରୁ ଏହା ସମ୍ଭବ ହୋଇଥିଲା। ଆଉ ୧୧ ବର୍ଷ ପରେ ୨୦୩୬ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ତେବେ ସମାଜକୁ ଏକ ପରିଚୟର ଆବଶ୍ୟକତା ଥାଏ। ଓଡ଼ିଆ ସମାଜର ସବୁଠୁ ବଡ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ ନାହିଁ। ତେବେ ସମସାମୟିକ ସମାଜରେ ଆମ ଓଡ଼ିଆ ସମାଜର ଗଭୀରତା, ବୌଦ୍ଧିକ ଚିନ୍ତନ କ୍ଷମତା ଓ ବ୍ୟାପକ କେତେ, ତାହା ଜାଣିବା ଦରକାର ଏବଂ ଜଣାଇବା ଦରକାର। ବର୍ତ୍ତମାନ ସେହି ଏକ ସମୟ ଉପନୀତ ହୋଇଛି, ଯେଉଁ ସମୟରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ସମୃଦ୍ଧି, ସାଂସ୍କୃତିକ ଐତିହ୍ୟ ଓ ପ୍ରତିଚ୍ଛବିକୁ ଜାତୀୟ ଆଲୋଚନା ପରିସରକୁ ଆଣିବା ଆମର ଦାୟିତ୍ୱ ଅଟେ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସବୁ ସମୟରେ ରାଜନୀତି ଏବଂ ଆଇନଶୃଙ୍ଖଳା, ଅପରାଧ ଖବର ଏବଂ ଅନ୍ୟ ବିଷୟରେ ବିତର୍କ କରିବା ପରିବର୍ତ୍ତନ ଏକ ସମାଜର ଗଭୀରତା, ଐତିହ୍ୟ, ଖାଦ୍ୟ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ବିଷୟ ଉପରେ ଆଲୋଚନା ହେବା ଦରକାର। ଏହାର ଉଦାହରଣ ଦେଇ ଓଡ଼ିଶାର ଗୌରବମୟ ଇତିହାସ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ବଳଶାଳୀ ରାଜ୍ୟ। ସମ୍ରାଟ ଖାରବେଳ ଥିଲେ ଆଧୁନିକ ଓଡ଼ିଶାର ସ୍ଥପତି। ଏହା ପୂର୍ବରୁ ଓଡ଼ିଶାରେ ସମ୍ରାଟ ଅଶୋକ ଏବଂ ଓଡ଼ିଆଙ୍କ ମଧ୍ୟରେ ସଂଗଠିତ ହୋଇଥିବା କଳିଙ୍ଗ ଯୁଦ୍ଧ ଏକ ମହାନ ବାର୍ତ୍ତା ଦେଉଛି। କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି, ଯାହା ଓଡ଼ିଶାର ଗୌରବମୟ ଇତିହାସକୁ ପ୍ରତିଫଳିତ କରୁଛି। ଶ୍ରୀ ପ୍ରଧାନ ସବୁ ଓଡ଼ିଆ ଲୋକମାନଙ୍କୁ ଓଡ଼ିଶାର ବିଷୟକୁ ଚାଟଜିପିଟି ମାଧ୍ୟମରେ ପ୍ରଶ୍ନ କରିବା ସହ ଓଡ଼ିଶାର ବ୍ରାଣ୍ଡକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ।

ଉଲ୍ଲେଖନୀୟ ଯେ, ଏହି ପୁରସ୍କାର ସମାରୋହରେ 'ଆଜ୍ ତକ୍'ର ସମ୍ପାଦକ ଶ୍ରୀ ସଞ୍ଜୀବ ପାଲିୱାଲ, 'ହିନ୍ଦୁସ୍ତାନ'ର ସମ୍ପାଦକ ଶ୍ରୀ ପ୍ରତାପ ସୋମବଂଶୀ, 'ଲଲିନଟପ'ର ସମ୍ପାଦକ ଶ୍ରୀ ସୌରଭ ଦ୍ୱିବେଦୀଙ୍କୁ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ଓଡ଼ିଶାର 'ଅର୍ଗସ' ଡିଜିଟାଲର ସମ୍ପାଦକ ଶ୍ରୀ ସଂଗ୍ରାମ କେ.ସାରଙ୍ଗୀ, 'ଦ' ହିନ୍ଦୁ'ର ସ୍ପ?ଶାଲ କରେସପଣ୍ଡେଣ୍ଟ୍ ଶ୍ରୀ ସତ୍ୟସୁନ୍ଦର ବାରିକ, ନୈନିକ ସମ୍ବାଦର ସମ୍ବଲପୁର ଜିଲ୍ଲା ସମ୍ବାଦଦାତା ଶ୍ରୀ ରତ୍ନାକର ଭୋଇ "ଓଡ଼ିଶା ସାମ୍ବାଦିକତା ପୁରସ୍କାର -୨୦୨୫"ରେ ସମ୍ମାନିତ ହୋଇଥିଲେ। ସମାରୋହରେ ଯୋଗଗୁରୁ ବାବା ରାମଦେବ, ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ ଏଡିଟର ଶ୍ରୀମତୀ ସାନ୍ତ୍ୱନା ଭଟ୍ଟାଚାର୍ଯ୍ୟ ଏବଂ ପଲ୍ଲୀବାଣୀ ମିଶନର ଚେୟାରମ୍ୟାନ ଶ୍ରୀ ରାମଚନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ କରକମଳରେ ପଲ୍ଲୀବାଣୀ ମିଶନର ଏକ ବିଶେଷ ପତ୍ରିକା ମଧ୍ୟ ଉନ୍ମୋଚନ ହୋଇଥିଲା।



# ସମାଜରେ ଶାନ୍ତି ଶୃଙ୍ଖଳା ଓ ଭାଇଚାରା ସୃଷ୍ଟି କରିବା ଆଜିର ଆବଶ୍ୟକତା



ବ୍ରହ୍ମପୁର,୭।୯:(ମନ୍ଥନ) ମାଣ୍ଡିଆପଲ୍ଲୀସ୍ଥିତ ପ୍ରେମ୍ କାର୍ଯ୍ୟାଳୟରେ ସମାଜରେ ମାନବିକତା, ସମତା ଓ ପ୍ରେମ ପ୍ରତିଷ୍ଠାର ପ୍ରତୀକ ସୁନିଆଁଙ୍କ ବାମନ ଜନ୍ମ ଓ ୧୪୩୨ ସାଲ ପ୍ରବେଶ ପାଳନ ଅବସରରେ ହେପି ଓନମ୍? ଦିବସ ପାଳିତ ହୋଇଯାଇଛି । ପ୍ରେମର ସଭାପତି ଡ଼. ଜାକୋବ ଥୁଣ୍ଡିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଯୋଗଦେଇ ବର୍ତ୍ତମାନ ଦେଶରେ ସାମ୍ପ୍ରଦାୟିକ ଶକ୍ତିମାନେ ଶକ୍ତିଶାଳୀ ହେଉଥିବାରୁ ଉଦବେଗ ପ୍ରକାଶ କରିବା ସହ ବାମନ ଜନ୍ମର ଇତିହାସ ବର୍ଣ୍ଣନା କରିଥିଲେ । ସିପିଆଇ (ଏମ୍?) ବରିଷ୍ଠ ନେତା ଅଲି କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଭାଇଚାରା ସୃଷ୍ଟି କରିବା ପାଇଁ ଏହି ଉତ୍ସବ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ସଭାପତି ଡ଼. ଥୁଣ୍ଡିଲ ତାଙ୍କ ଭାଷଣରେ ଓନାମର ସାରତତ୍ତ୍ୱ ବୁଝାଇବା ସହିତ ସମାଜରେ ଶାନ୍ତି, ଶୃଙ୍ଖଳା ଓ ଭାଇଚାରା ମନୋଭାବ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମାଜରେ ଦେଖାଦେଇଥିବା ବିଶୃଙ୍ଖଳାକୁ ସବୁ କ୍ଷେତ୍ରରେ ପ୍ରତିହତ କରିବା ପାଇଁ ଆହ୍ୱାନ ଦେଇଥିଲେ । 'ଓନମ୍?' ଉତ୍ସବ କେରଳରେ ଘରେ ଘରେ ପାଳନ ହୋଇଥାଏ। ଏଥିରେ ସବୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଯୋଗଦେଇ ଭାଇଚାରା ସୃଷ୍ଟି କରିବାରେ ସହାୟକ ହୋଇଥାନ୍ତି। ତେଣୁ ଆଜି ମଧ୍ୟ ଭାରତ ବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଭାଇଚାରାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ ପ୍ରେମ୍? ସମ୍ପାଦକ ଚାକୋ ପୁରୁଭାନାନିଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରେମ୍?ର ସମ୍ପାଦକ ଚାକୋ ପୁରୁଭାନାନି, ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ, କଂଗ୍ରେସ ନେତ୍ରୀ ତଥା ବ୍ରହ୍ମପୁର ମହାନଗର ନିଗମ ମେୟର ପ୍ରାର୍ଥିନୀ ତଥା ନବୀନର ପ୍ରକାଶିକା ମଞ୍ଜୁ ରଥ, ମାଣ୍ଡିଆପଲ୍ଲୀ ସିରିଡ଼ି ସାଇବାବା ମନ୍ଦିରର ସଭାନେତ୍ରୀ ବୈଜୟନ୍ତ ମିଶ୍ର, ଟ୍ରଷ୍ଟି ଦେବାଶିଷ ମିଶ୍ର, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁଦତ୍ତା ରଥ, ଫାଦର ସଂଜିବ କୁମାର ନାୟକ, ପ୍ରେମ୍?ର ଲୋକସଂପର୍କ ଅଧିକାରୀ ରତନ ମିଶ୍ର, ଫାଦର ନରେଶ, ସେଣ୍ଟ ଭିନସେଣ୍ଟ ହୋମ୍?ର ଫାଦର ଜୋଶ, ପ୍ରେମର କର୍ମକର୍ତ୍ତା କୁମାର ପ୍ରଶାନ୍ତ, ଦୁର୍ଗା ପ୍ରସାଦ ପଣ୍ଡା, ଦୁର୍ଗା ପ୍ରସାଦ ସାବତ, ସୁଶାନ୍ତ ମହାନ୍ତି, ଶ୍ରୀନିବାସ ରାଓ, ବି. ଶିବ ପ୍ରସାଦ, ଏମ.ଗୋରେଟି ଜର୍ଜ, ହିମାନୀ ଦାସ, ସୁନିତା ପାତ୍ରଙ୍କ ସମେତ ମୋହନା, ଗୁଣପୁର, ଗୁମ୍ମା, ଦାରିଙ୍ଗିବାଡ଼ିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସୁଧୀର ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ପ୍ରେମ୍? ସହାୟତାରେ ୟୁ. ରାଜେନ୍ଦ୍ର ଦୋରାଙ୍କ ଦ୍ୱାରା ଲିଖିତ 'ଜୈବ ବିପ୍ଲବ' କୃଷିଭିତ୍ତିକ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସୁସ୍ୱାଦ ଭୋଜନରେ ଆପ୍ୟାୟିତ ହୋଇଥିଲେ ।

# ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବକୁ ଆନ୍ତର୍ଜାତୀୟ ସମ୍ମାନ ପ୍ରଦାନ



ଜଳେଶ୍ୱର,୭।୯:(ମନ୍ଥନ)ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବକୁ ୨୦୨୪-୨୫ ରୋଟାରୀ ବର୍ଷ ପାଇଁ ଆନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି । କ୍ଲବର ୭ମ ଅଧିଷ୍ଠାନ ଦିବସ ପାଳନ ଅବସରରେ ନୂଆବଜାରସ୍ଥିତ ଭଞ୍ଜ ଭବନ ପରିସରରେ ଆୟୋଜିତ ଉତ୍ସବରେ ବିଦାୟୀ ସଭାପତି ସୁଧୀର କୁମାର କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବିଦାୟୀ ସମ୍ପାଦକ ସୁକୁମାର ରଣା କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ରୋଟାରୀ ଜିଲ୍ଲା ୩୨୬୨ର ନିର୍ବାଚିତ ଗଭର୍ଣ୍ଣର (୨୦୨୭-୨୮) ଇନ୍ଦ୍ରଜିତ ସାହୁ ରୋଟାରୀ କ୍ଲବର ବିଭିନ୍ନ ଲୋକାଭିମୁଖୀ ଓ ସମୟପୋଯୋଗୀ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସୁଦୃଢ଼ ଓ ସୁସଙ୍ଗଠିତ କରିବା ଆବଶ୍ୟକ ରହିଛି ବୋଲି ପ୍ରକାଶ କରିଥିଲେ। ପରେ ମୁଖ୍ୟ ଅତିଥି ଇନ୍ଦ୍ରଜିତ ସାହୁ ରୋଟାରୀ ଇଣ୍ଟରନ୍ୟାସନାଲ ସଭାପତି(୨୦୨୪-୨୫) ଷ୍ଟିଫେନ ଏ ୟୁରୀକଙ୍କ ଦ୍ୱାରା ପ୍ରଦତ୍ତ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆକୁ କ୍ଲବ୍ ଏକଲେନ୍ସ ଏୱାର୍ଡ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସେହିପରି ବିଦାୟୀ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ରଙ୍କ ଦ୍ୱାରା କ୍ଲବର ସମସ୍ତ ସଭ୍ୟ ମାନଙ୍କୁ ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ମଧମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ରୋଟାରୀ କ୍ଲବକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ଦ୍ୱାରା ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଓ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ମାନେ ଅଧିକ ଲାଭ ପାଇପାରିବେ ବୋଲି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ଶିରିଶ ଚନ୍ଦ୍ର ବାରିକ ଓ ରୋଟାରୀ କ୍ଲବ ଭଦ୍ରକର ପୂର୍ବତନ ସଭପତି ମାଙ୍ଗିଲାଲ ବଲଦେବା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଅବସରରେ ୨୦୨୫-୨୬ ରୋଟାରୀ ବର୍ଷ ନିମନ୍ତେ କ୍ଲବର ସଭାପତି ରୂପେ ପ୍ରାଣକୃଷ୍ଣ ଗିରି ଓ ସମ୍ପାଦକ ରୁପେ ସଂଗ୍ରାମ କେଶରୀ ପରିଡ଼ା ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ । କ୍ଲବର ପୂର୍ବତନ ସଭାପତି ଡ.ଅଜିତ କୁମାର ମହାନ୍ତି, ଡ.ନିଳକଣ୍ଠ ଖଣ୍ଡା ଓ ସୁନିଲ କୁମାର ନାୟକ, ବରିଷ୍ଠ ସଭ୍ୟ ଡ. ଅକ୍ଷୟ କୁମାର ପରିଡ଼ା,ସପନ କୁମାର ଜେନା ପ୍ରମୁଖ ଯୋଗଦେଇ କ୍ଲବ କିପରି ଏକ ଅଗ୍ରଣୀ କ୍ଲବ ରୂପେ ନିଜର ସ୍ଥିତି ଜାହିର କରି ପାରିବ,ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କ୍ଲବର ନୂତନ ସଭ୍ୟ ରୂପେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ମହାନ୍ତିଙ୍କୁ ମୁଖ୍ୟ ଅତିଥି ରୋଟାରୀ ପିନ ପିନ୍ଧାଇ ଶପଥ ପାଠ କରାଇଥିଲେ । ଏହି ଅସରରେ ରୋଟାରୀ କ୍ଲବ ପକ୍ଷରୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅନ୍ୟ କ୍ଲବର ସଭ୍ୟ ମାନଙ୍କୁ ଉପହାର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କ୍ଲବର ପ୍ରତିଷ୍ଠାତା ସଭାପତି ଡ଼ଃ ଲଳିତ ରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ୧୦ ଜଣ ଗରିବ ହିତାଧିକାରୀ ମାନଙ୍କୁ କ୍ଲବ୍ ପକ୍ଷରୁ ମଶାରୀ, ଛତା,ଜୋତା,ଗାମୁଛା,ପାଣି ବୋତଲ ପ୍ରଭୃତି ନିର୍ବାଚିତ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ, ଦୀନକୃଷ୍ଣ ମହାବିଦ୍ୟାଳୟର ଅଧାପିକା ପୁଷ୍ପାଞ୍ଜଳୀ ପାଇକରାୟ,ରୋଟାରୀ କ୍ଲବ ଭଦ୍ରକର ପୂର୍ବତନ ସଭପତି ମାଙ୍ଗିଲାଲ ବଲଦେବା ଓ ପ୍ରଣବ କୁମାର ସାହୁ ପ୍ରମୁଖ ପ୍ରଦାନ କରିଥିଲେ ।

# ବ୍ରହ୍ମପୁରରେ ବି-ଭାଇବ୍ ଡ୍ୟାନ୍ସ ଷ୍ଟୁଡିଓରେ ଶୁଭ ଉଦଘାଟନ

ବ୍ରହ୍ମପୁର,୭।୯:(ମନ୍ଥନ) ସ୍ଥାନୀୟ ପ୍ରେମ ନଗର ଅଞ୍ଚଳ ତଥା ନୀଳକଣ୍ଠେଶ୍ୱର ମନ୍ଦିର ଯିବା ରାସ୍ତା ଠାରେ ଶୁକ୍ରବାର ସନ୍ଧ୍ୟାରେ ବି-ଭାଇବ୍ ନାମକ ଏକ ଡ୍ୟାନ୍ସ ଷ୍ଟୁଡିଓର ଶୁଭ ଉଦଘାଟନ ହୋଇଛି । ଏଥିରେ ଅତିଥି ରୂପେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିବା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳକ ଡି କ୍ରିଷ୍ଣା ରେଡ୍ଡୀ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସୁଦୀପ ସାହୁ, ଆଧୁନିକ ନୃତ୍ୟ ପ୍ରଶିକ୍ଷକ ତରୁନ, ସମୀର, ଚନ୍ଦୁ ଏବଂ ଆପନା ପ୍ରମୁଖ ଯୋଗଦେଇ ଷ୍ଟୁଡିଓର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ, ଅତିଥି ମାନେ ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ଉଭୟ ସୁମନ ହାତୀ ଓ ସୁନିଲ ମାଝୀଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତିଷ୍ଠାନର ଉନ୍ନତି ପାଇଁ ଶୁଭକାମନା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ପରିଚାଳକ ଶ୍ରୀ ହାତୀ ସୂଚନା ଦେଇଛନ୍ତି ଯେ, ଏହି ଷ୍ଟୁଡିଓରେ ବଲିଉଡ୍, ହିପ୍-ହପ୍, ସମସାମୟିକ, ପାୱାର ମୁଭ୍ସ ଏବଂ ଫିଟନେସ୍ ଜୁମ୍ବା, କାର୍ଡିଓ, କ୍ରସଫିଟ୍ ଭଳି ବିଭିନ୍ନ ନୃତ୍ୟ ଶୈଳୀ ପ୍ରଶିକ୍ଷଣ ଦିଆଯାଉଥିବା ସେ କହିଛନ୍ତି । ସେହିପରି ଶ୍ରୀ ମାଝୀ କହିଛନ୍ତି ଯେ, ଅନ୍ୟ ଷ୍ଟୁଡିଓ ଅପେକ୍ଷା ଏହି ବି-ଭାଇବ୍ ଡ୍ୟାନ୍ସ ଷ୍ଟୁଡିଓରେ ଛୋଟ ଛୋଟ ପିଲା ମାନଙ୍କ ଠାରୁ ଆରମ୍ଭ କରି ଯୁବତୀ ଓ ମହିଳା ମାନଙ୍କ ପାଇଁ ଜୁମ୍ବା ଭଳି ଅନ୍ୟାନ୍ୟ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାର୍ଥୀ ମାନଙ୍କୁ ଉତ୍ତମ ସଫଳତା ହାସଲ କରି ଆପ୍ରାଣ ଚେଷ୍ଟା କରାଯାଇଥିବା ସେ କହିଛନ୍ତି । ତେବେ ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ସମେତ ପରିବାର ବର୍ଗ, ବହୁ ବନ୍ଧୁ ବାନ୍ଧବ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ, ସୁଶାନ୍ତ, ମୋନଜ, ଭୀଷ୍ମ, ଶିବ ପ୍ରସାଦଙ୍କ ସମେତ ଅନ୍ୟ ସହଯୋଗୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଜଗତସିଂହପୁର ଜିଲ୍ଲା କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଗତସିଂହପୁର,(ମନ୍ଥନ)୨୯/୦୫/୨୫: ଶିକ୍ଷା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାରା ରାଜ୍ୟ ରେ ଜଗତସିଂହପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛିଯବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଲୋକସେବା ଭବନ ରେ ଆୟୋଜିତ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ୨୦୨୫ ରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଜଗତସିଂହପୁର ଜିଲ୍ଲା କୁ ସମ୍ମାନିତ କରିଛନ୍ତିଯ ପ୍ରକାଶ ଥାଉ କି, ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିୟମିତ ତଦାରଖ ରେ ରେ ଜିଲ୍ଲା ଅବିରତ ଭାବେ ଶିକ୍ଷା କ୍ଷେତ୍ର ରେ ଗୌରବ ସୃଷ୍ଟି ସହ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବା ରୁ ଏହି ପୁରସ୍କାର ପ୍ରାପ୍ତ ହୋଇଛିଯ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତିଯ ଏହି ସଫଳତା ଯୋଗୁଁରାଜ୍ୟରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଅଛି ଯ

# ଡେପୁଟୀ ନର୍ସିଂ ସୁପରିନଟେଣ୍ଡେଣ୍ଟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୭।୯:(ମନ୍ଥନ)ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡେପୁଟି ନର୍ସିଙ୍ଗ ସୁପରିନଟେଣ୍ଡେଣ୍ଟ ବାସନ୍ତି ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଏକ ସଭା ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ଼ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋରଞ୍ଜନ ରାଉତ, ଏ. ଡ଼ି. ଏମ. ଓ଼. ମେଡିକାଲ ଡ଼ା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗୌରାଙ୍ଗ ଚରଣ ଗିରି, କନସଲଟାଣ୍ଟ ଶିଶୁ ବିଶେଷଜ୍ଞ ଡା.କିଶୋର ଚନ୍ଦ୍ର ମିଶ୍ର, ସ୍ତ୍ରୀ ଓ଼ ପ୍ରସୂତୀ ବିଭାଗର ବରିଷ୍ଠ ଡାକ୍ତର ଅଶୋକ କର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ବିତ୍ତ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ନାୟକଙ୍କ ଭଲଗୁଣ ଗୁଡିକ ଉପରେ ଆଲୋକପାତ କରି ତାଙ୍କ ଭବିଷ୍ୟତ ଜୀବନ ନିରୋଗ ରହିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନିଅର ନର୍ସିଂ ଅଫିସର ଅଞ୍ଜନବାଳା ସାହୁ, କବିତା କୁମାରୀ, ବନିତା ପାଣି, ବିନ୍ଦୁରେଖା ରଥ, ଜ୍ୟୋତ୍ସ୍ନା ରାଣୀ ସ୍ୱାଇଁ, ମାନସୀ ବେହେରା, ଶୈଳବାଳା ନାୟକ, ମିନତୀ ଲେଙ୍କା, ମମତାମୟୀ ନାୟକ, ରିଙ୍କି ପ୍ରିୟଦର୍ଶିନୀ ବାରିକ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ ଓ଼ ସୁଭାଶିଷ ସାଠୁଆ ଏବଂ ପୁଷ୍ଟି ପୁନର୍ବାସ କେନ୍ଦ୍ରର ପରାମର୍ଶଦାତ୍ରୀ ସୁଶ୍ରୀ ଅମ୍ରିତା ଜେନାଙ୍କ ସମେତ ଅନ୍ୟାନ୍ୟ ସମସ୍ତ ନର୍ସିଙ୍ଗ ଅଫିସର ଉପସ୍ଥିତ ରହି ସେମାନଙ୍କର ବିଦାୟକାଳୀନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ସମସ୍ତ ଡାକ୍ତର ନର୍ସିଙ୍ଗ ବୃତ୍ତି ର ପ୍ରଶଂସା କରିଥିଲେ। ଡାକ୍ତରଖାନାରେ ଡାକ୍ତରଙ୍କ ଅପେକ୍ଷା ନର୍ସିଙ୍ଗ ଅଫିସର ମାନଙ୍କ



ପାଖରେ ରୋଗୀଟିଏ ଅଧିକ ସମୟ ରହି ସମସ୍ତ ସେବା ଓ଼ ଶୁଶ୍ରୁଷା ପାଏ ବୋଲି ଆଲୋଚନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାକୁ ଡେପୁଟି ମ୍ୟାନେଜର (ପ୍ରଜନନ ଓ଼ ଶିଶୁ ସ୍ୱାସ୍ଥ୍ୟ) ସୁକାନ୍ତ କୁମାର ପ୍ରଧାନ ସଂଯୋଜନା କରିବା ସହିତ ଏକ ବିଦାୟ କାଳୀନ କବିତା ଗାଇଥିଲେ। ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଶ୍ରୀମତୀ ନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନାରେ ଉପହାର ପ୍ରଦାନ କରାଯାଇଥିଲା।

# କେନ୍ଦ୍ରାପଡା ଉପ କାରାଗାରକୁ ପରିଦର୍ଶନ କଲେ ରାଜ୍ୟ ମହିଳା ଆୟୋଗ ସଦସ୍ୟା

କେନ୍ଦ୍ରାପଡ଼ା,୭।୯:(ମନ୍ଥନ)କେନ୍ଦ୍ରାପଡା ଉପକାରାଗାରାକୁ ପରଦର୍ଶନ କରିଛନ୍ତି ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡ. କଳ୍ପନା ମଲ୍ଲିକ। ବାରିମୂଳସ୍ଥିତ ଉପକାରାଗାରରେ ପହଞ୍ଚିବା ପରେ ଜେଲ ଅଧୀକ୍ଷକ ସୁନିଲ କୁମାର ପାତ୍ର ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡ. ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସଦସ୍ୟା ଡ. ମଲ୍ଲିକ ଉପକାରାଗାରର ପ୍ରାୟ ୪୦ଜଣ ବିଚାରାଧିନ କଏଦୀ ଅନ୍ତେବାସୀ ମହିଳାମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କୁ ଉପଯୁକ୍ତ ଖାଦ୍ୟ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ



ସଠିକ ଭାବରେ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିବା ସହ ଜେଲ କର୍ମଚାରୀମାନେ ସେମାନଙ୍କୁ ଭଲ ବ୍ୟବହାର କରୁଛନ୍ତି କି ନାହିଁ ସେ ବିଷୟରେ ମଧ ପଚାରି ବୁଝିଥିଲେ। ତେବେ ଏହି ପରିଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା କାରାଗାରରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା। ଏହି ପରିଦର୍ଶନ ସମୟରେ ଜେଲ ଅଧୀକ୍ଷକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉଦାହରଣ ସୃଷ୍ଟିକଲେ ୧୯୮୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ

ଧର୍ମଶାଳା,୭।୯:(ମନ୍ଥନ)ଆମ ସମାଜରେ ଗୁରୁଙ୍କ ଆସନ ବହୁ ଉଚ୍ଚରେ ଅଟେ । ବାପା ମାଆଙ୍କ ପରେ ଗୁରୁ, ଯିଏକି ସନ୍ତାନ ସନ୍ତତିଙ୍କର ମଙ୍ଗଳ କାମନା କରିଥାନ୍ତି । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନୈତିକ ଅଧୋଗତି ତଥା ମୂଲ୍ୟବୋଧର ଅବକ୍ଷୟ ଘଟିବା ସହିତ ଗୁରୁ ଶିଷ୍ୟ ପରମ୍ପରା ହଜି ହଜି ଯାଉଛି । ନୈତିକତା ଓ ଆଧ୍ୟାତ୍ମିକତା କୁ ଆପଣେଇବା ସହିତ ଗୁରଶିଷ୍ୟ ପରମ୍ପରାକୁ ବଜାୟ ରଖୁବା ପାଇଁ ଗୁରୁଦିବସ ପାଳନ ଅବସରରେ ଆହ୍ୱାନ ଦିଆଯାଇଛି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଂଚାୟତ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ଶ୍ୟାମସୁନ୍ଦର ହାଇସ୍କୁଲ ମିର୍ଜାପୁର ୧୯୮୫ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ଗୁରୁଦିବସ ଉପଲକ୍ଷେ ନିଆରା ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁ, ଅବରପ୍ରାପ୍ତ କ୍ରୀଡା ଶିକ୍ଷକ ଜତିନ୍ଦ୍ରନାଥ ଦାଶ, ଶ୍ୟାମସୁନ୍ଦର ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ନାୟକ, ଅବସପ୍ରାପ୍ତ ଶିକ୍ଷକ ପ୍ରଶନ୍ନକୁମାର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ । ଅତିଥୁମାନେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମଂଚସୀନ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଗୁରୁବନ୍ଦନା କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ନିଜର ଗୁରୁ ମାନଙ୍କୁ ସିନ୍ଦୁର, ଫୁଲ, ଚନ୍ଦନ ପ୍ରଦାନ ପୂର୍ବକ ଧୂପ ଦୀପ ଦେଇ ବନ୍ଦାପନା କରିଥିଲେ । ଦୀର୍ଘ ୪୦ ବର୍ଷ ପରେ ଗୁରୁ ଓ ଛାତ୍ର ମାନଙ୍କର ସାକ୍ଷାତ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ପରସ୍ପରକୁ ଦେଖି ଭାବ ବିହ୍ୱଳ ହୋଇପଡିଥିଲେ । ଗୁରୁ, ମନରେ ମସ୍ତିଷ୍କରେ ଓ ଚେତନାରେ ବିସ୍ଫୋରଣ ସୃଷ୍ଟି କରିଥାନ୍ତି ଯ ଗୁରୁ ହିଁ ମାନବ ସମାଜର କର୍ଣ୍ଣଧାର ଅଟନ୍ତି ବୋଲି ଉପସ୍ଥିତ ଶିକ୍ଷକ ମାନେ ମତବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀଙ୍କର ଗୁରୁପୂଜନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ଉପଢୌକନ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଗୁରୁଙ୍କୁ ସମ୍ମାନ ଜଣାଇ ଶୁଭମହୁରୀ ବାଦ୍ୟ ବାଦନ କରାଯାଇ ଗୁରୁଙ୍କୁ ସ୍ୱାଗତ କରାଯାଇଥିଲା । ଶ୍ୟାମସୁନ୍ଦର ହାଇସ୍କୁଲ ଏବଂ ଶ୍ୟାମସୁନ୍ଦର ବିଦ୍ୟାପୀଠର ଦିବଙ୍ଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରୀ ନିର୍ମଳା ପଣ୍ଡା ଗୁରୁଙ୍କୁ ସମ୍ମାନ ଜଣାଇ ଏକ ସ୍ୱରଚିତ କବିତା ପାଠ କରିଥିଲେ । ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ହୃଷିକେଶ ସାହୁ, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ନିରୂପମା ପଣ୍ଡା, ଶାନ୍ତିଲତା ପଣ୍ଡା, ପଦ୍ମିନୀ ସ୍ୱାଇଁ, ବିଳାସିନୀ ସାହୁ, କସ୍ତୁରୀ ମିଶ୍ର, ଅନନ୍ତ ମହାରଣା, ରବିନ୍ଦ୍ର ନାଏକ, କାକ ଚନ୍ଦ୍ର ସାହୁ, ନରେନ୍ଦ୍ର ଜେନା, ନରେନ୍ଦ୍ର ସିଂ, ଆନନ୍ଦ ବିଶ୍ୱାଳ, ମହେଶ୍ୱର ବିଶ୍ୱାଳ, ଅଜୟ ବିଶ୍ୱାଳଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପୁରାତନ ଛାତ୍ର ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଶହରା ପୂଜା ଉପଲକ୍ଷେ ପଡିଲା ଶୁଭଖୁଂଟି

କୋରାପୁଟ,୭।୯:(ମନ୍ଥନ) ଆଗାମି ଦଶହରାର ଦୂର୍ଗାପୂଜାକୁ ନେଇ ସୁନାବେଡା ଏ ଏଇ ଏଫ ମାର୍କେଟର ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପୂଜାର ଶୁଭାଖୁଂଟି ପଡିଛି। ଆନୁଷ୍ଠାନିକ ଭାବରେ ପୂଜା ଅର୍ଚ୍ଚନା କରାଯାଇ ସେଠାରେ ଶୁଭ ଖୁଂଟି ପୋତାଯାଇଥିଲା। ଏହି ଶୁଭ ଖୁଂଟି ପୋତା ପୂଜାରେ କର୍ତା ଭାବରେ କଂଗ୍ରେସ ପ୍ରଧାନ, ଶ୍ରାବଣ କୁମାର ରହିଥିଲେ। ଏହି ପୂଜାକୁ ବିନୟ କୁମାର ପାଣି ସମ୍ପାଦନ କରିଥିଲେ। ଏ ଇ ଏଫ ମାର୍କେଟର ତ୍ରିନାଥ ମନ୍ଦିର ଯୁବ ସଂଘ ଦ୍ୱାରା ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶହରା ର ଦୃର୍ଗା ପୂଜା ଅନୁଷ୍ଠିତ କରାଯିବା ନେଇ ଯୁବ ସଂଘ ପୂଜା ସମୟରେ ଉପସ୍ଥିତ ରହିଥିଲେ। ଶୁଭ ଖୁଂଟି ପଡିଲା ପରେ ମାର୍କେଟ ଅଂଚଳ ପୂଜାକୁ ନେଇ ଚଳ ଚଂଚଳ ହୋଇ ଉଠିଛି। ପ୍ରତ୍ୟେକ ବାସିନ୍ଦାଙ୍କ ମନରେ ପୂଜାକୁ ନେଇ ଅନେକ ଆସ୍ଥା ପ୍ରକଟ ହୋଇଥିବା ଜଣା ଯାଇଛି। ପୂଜା ସମୟରେ ଯୁବ ସଂଘର ସଭାପତି ସଂୋଷ ପାଣି, ସଂପାଦକ ସରୋଜ ସାମଲ, ବି.ରାଜେଶ କୁମାର, କିଶୋର ପ୍ରଧାନ. ବି.ଲକ୍ଷ୍ମଣ ରାଓ, ବି. ମୂରାଲି ଓ ମନ୍ଦିର ର ପୂଜକ ତ୍ରିନାଥ ଆଚାର୍ଯ୍ୟ ଙ୍କ ସହିତ ସହରର ଅନେକ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ଅନୁଗୋଳ ଜିଲ୍ଲା ଗସ୍ତ

ଅନୁଗୋଳ,୭।୯:(ମନ୍ଥନ) ଆଜି ପୂର୍ବାହ୍ନରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଏକ ଦିନିକିଅ। ଅନୁଗୋଳ ଗସ୍ତରେ ଆସିକଣିହାଁ ଠାରେ ସମଲ ବ୍ୟାରେଜ କଲ୍ୟାଣ ମଣ୍ଡପର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅନୁଗୋଳ ଜିଲ୍ଲାର ତାଳଚେର, କଣିହାଁ, ବଅଁରପାଳ ଓ ଛେଣ୍ଡିପଦା ବ୍ଲକର ଖଣି ପ୍ରଭାବିତ ଗ୍ରାମଗୁଡିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ମେଗା ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣପ୍ରକଳ୍ପର ଉଦଘାଟନ କରିଥିଲେ । ଏହି ପ୍ରକଳ୍ପ ପାଇଁ ପାଣିର ଉତ୍ସ ବ୍ରାହ୍ମଣୀ ନଦୀର ସମଲବ୍ୟାରେଜରେ ନିର୍ମିତ ଇଣ୍ଟେକ୍ ୱେଲ ଅଟେ, ଯାହାର ଡିଜାଇନ୍ କ୍ଷମତା ୭୭.୧୫ ଏମ୍ ଏମ୍ ଡି, ଯାହା ତାଳଚେର, କଣିହାଁ, ବଅଁରପାଳ ଓ ଛେଣ୍ଡିପଦା ପ୍ରକଳ୍ପକୁ ଆବର୍ତ୍ତ କରିଛି । ଜଳ ବିଶୋଧନା କାରଖାନାର ସମୁଦାୟ କ୍ଷମତା ୪୯.୭୨ ଏମ୍ ଏମ୍ ଡି ଯାହା ତାଳଚେର, କଣିହାଁ ଓ ବଅଁରପାଳବ୍ଲକ ପାଇଁ ବିକଶିତ କରାଯାଇଛି । ପରେ ପରେ ମାନ୍ୟବର ମନ୍ତ୍ରୀ କଣିହାଁ ଠାରେ ତାଳଚେର ପ୍ରଜାମଣ୍ଡଳ ଶହୀଦ ସ୍ମୃତି ସ୍ତମ୍ଭରେ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । କଣିହାଁ ସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ଆୟୋଜିତ ୮୮ ତମ ପ୍ରଜାମଣ୍ଡଳ ଦିବସ ପାଳନ ସମାରୋହରେ ଯୋଗ ଦେଇ ତାଳଚେରମାଟିର ବୀର ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ପ୍ରଜାମଣ୍ଡଳ ଆନ୍ଦୋଳନର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ମାନ୍ୟବର ପାଲଲହଡା ବିଧାୟକ ଶ୍ରୀଅଶୋକ ମହାନ୍ତି, ମାନ୍ୟବର ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖର, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



# ବର୍ଷା ହେଲେ ସ୍କୁଲ ଗେଟରେ ଆଣ୍ଠୁଏ ପାଣି

ଜଗତସିଂହପୁର,୭।୯:(ମନ୍ଥନ)ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ର କୋଠୀ ନିମୋଳ ସ୍ଥିତ ଉତ୍କଳମଣୀ ପଣ୍ଡିତଗୋପବନ୍ଧୁ ବିଦ୍ୟାପୀଠ ୧୯୮୭ ସ୍ଥାପିତ ବିଦ୍ୟାଳୟ ସମ୍ମୁଖରେ ଲମ୍ବା ସମୟ ଧରି ପାଣି ଜମି ରହିଥିବାରୁ ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ବର୍ଷା କାଳୀନ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବରେ ନଥିବାରୁ ଦିନକୁ ଦିନ ସମସ୍ୟା ଗଭୀର ହେଉଛି,ସରକାର ସ୍କୁଲ ୫ଟି ମାଧ୍ୟମ ରେ ଲକ୍ଷ ଲକ୍ଷ ଟଙ୍କା ଦେଇ ଏହି ସ୍କୁଲ ର ଭିତ୍ତିଭୂମି ସୁଦୃଢ କରିବାକୁ ଚେଷ୍ଟା କରିଥିବା



ବେଳେ ଠିକାଦାର ଓ ଯନ୍ତ୍ରୀ ଙ୍କ ମଧୁ ଚନ୍ଦ୍ରିକା ରେ ହଇରାଣ ହେଉଛନ୍ତି ଶିକ୍ଷକ ଓ ଛାତ୍ର ଛାତ୍ରୀ । ଯାହାକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ପକ୍ଷ ରୁ ଚାପା ଉତ୍ତେଜନାରେ ପ୍ରକାଶ ପାଇଛି। ସେହିଭଳି ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ବିଦ୍ୟାପୀଠ ନାମରେ ନାମିତ ହୋଇଥିବା ଏହି ସ୍କୁଲ ଟିରେ ଗୋପବନ୍ଧୁ ମୂତ୍ତି ଟି ଆଣ୍ଠୁଏ ପାଣିରେ ବୁଡି ରହିଥିବା ବେଳେ ଅବହେଳା ରେ ପଡିଛନ୍ତି ଉତ୍କଳ ମଣି ତାହା ଆମ ଓଡ଼ିଶା ର ଅସ୍ମିତା ପ୍ରତି ଅସମ୍ମାନ ଏଥିରୁ ପ୍ରମାଣିତ ହୋଇଛି ।

# ନାଲକୋ ମାନବ ସମ୍ବଳ ଅଧିକାରୀଙ୍କୁ ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

ଅନୁଗୁଳ,୭।୯:(ମନ୍ଥନ)ନାଲକୋ ଏସ୍.ଆଣ୍ଡ.ପି କଂପ୍ଲେସ ମାନବ ସମ୍ବଳ ଜିଏମ ଶ୍ରୀ ହିମାଂଶୁ ଶେଖର ପ୍ରଧାନ ନୂତନ ଭାବେ ଯୋଗଦେଇଛନ୍ତି। ଅଧିକାରୀଙ୍କୁ ନାଲକୋ ଯାଦବ ସମାଜ ତରଫରୁ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ଯାଦବ ସମାଜର ସଭାପତି ଭରତ ରାଉତ, ଉପସଭାପତି ଅଶୋକ ବେହେରା, ରଞ୍ଜନ ବେହେରା , ସାଧାରଣ ସମ୍ପାଦକ ପ୍ରକାଶ ବେହେରାଙ୍କ ସହିତ ସୁଶାନ୍ତ ସାହୁ. ଭଗବାନ ବେହେରା, ସୁଶାନ୍ତ ବେହେରା, ପ୍ରଭାକର ରାଉତ, ନିର୍ମଳ ବାରିକ, ଏବଂ କେଶବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯାଦବ ସମାଜ ପକ୍ଷରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସହିତ ଫଗୁ ଦଶମୀ ଏବଂ ନନ୍ଦ ଉତ୍ସବ କିପରି ମହାସମାରୋହରେ ପାଳନ କରାଯିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ ସମାଜ ତରଫରୁ ଶ୍ରୀ ପ୍ରଧାନ ଙ୍କ ସହିତ ଆଲୋଚନା ହୋଇଥିଲା ।ପରିଶେଷରେ ଶ୍ରୀ ପ୍ରଧାନ ଯାଦବ ସମାଜର ସମସ୍ତ ସଦସ୍ୟଙ୍କୁ ମିଠା ଖୁଆଇ ଧନ୍ୟବାଦ ଅର୍ପଣ କରିଥିଲେ ।



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସଂପାଦକୀୟ

## ଦେଶରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ

ଦେଶରେ କର୍କଟ ରୋଗ ନେଇ ଆନ୍ତର୍ଜାତିକ କ୍ୟାନସର କେୟାର ଓବଜେରଭାଟୋରୀ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ, ଏଥିରେ ସନ୍ଦେହ ନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଭାରତର ବିଶ୍ୱରେ ତୃତୀୟ ସର୍ବାଧିକ ରୋଗୀ ଅଛନ୍ତି। ଦେଶରେ ଗତ ୨୦୨୨ରେ କର୍କଟ ମୃତ୍ୟୁ ଏବଂ ଆକ୍ରାନ୍ତଙ୍କ ହାର ୬୪.୪୭ ପ୍ରତିଶତ ଥିଲା। ଯାହାକି ବିଶ୍ୱର ସର୍ବାଧିକ କର୍କଟ ଆକ୍ରାନ୍ତ ୧୦ଟି ରାଷ୍ଟ୍ର ମଧ୍ୟରେ ସର୍ବାଧିକ। ସେହିପରି ଗତ ୨୦୨୩ରେ ଦେଶରେ ୧୪ଲକ୍ଷରୁ ଊର୍ଦ୍ଧ୍ୱ କର୍କଟ ଆକ୍ରାନ୍ତ ଠାବ କରାଯାଇଥିଲା ବୋଲି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଥିଲା। କିନ୍ତୁ ଏହାଠାରୁ ପ୍ରକୃତରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ୧.୫ରୁ ୩ଗୁଣ ଅଧିକ ହେବା ନେଇ ବିଶାରଦମାନେ ମନେ କରନ୍ତି। ଦେଶରେ ଗର୍ଭାଶୟ, ସ୍ତନ ଓ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଏହା ହେଉଛି ମୋଟ ଆକ୍ରାନ୍ତଙ୍କ ଏକ ତୃତୀୟାଂଶ ବୋଲି କୁହାଯାଇଛି। ଏହା ସତ୍ୟ ଯେ, କର୍କଟ ଏକ ମାରାତ୍ମକ ରୋଗ। ଏହି ରୋଗରେ ଆକ୍ରାନ୍ତଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିଲେ, ଏହା ଆରୋଗ୍ୟସାଧ୍ୟ। କିନ୍ତୁ ଦ୍ୱିତୀୟ କିମ୍ବା ଅନ୍ତିମ ପର୍ଯ୍ୟାୟରେ ରୋଗୀଙ୍କୁ ଚିହ୍ନଟ କରାଗଲେ, ଏହା କେବଳ ବ୍ୟୟବହୁଳ ହୋଇନଥାଏ, ରୋଗୀଙ୍କୁ ବଂଚାଇବା ଆଶାକ୍ଷୀଣ। ଦେଶରେ କର୍କଟ ରୋଗୀଙ୍କୁ ଚିହ୍ନଟ ଏବଂ ଏହା ଚିକିତ୍ସା ପାଇଁ ଗତ ପାଂଚ ଦଶନ୍ଧି ଧରି ଜାତୀୟ ହେଲଥ୍‌କେୟାର ପ୍ରୋଗ୍ରାମରେ ‘କର୍କଟ’ ଅଂଶ ବିଶେଷ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୮୦ ମସିହା ପ୍ରାରମ୍ଭରେ ଇଣ୍ଡିଆନ କାଉନ୍‌ସିଲ ଅଫ ମେଡିକାଲ ରିସର୍ଚ୍ଚରେ କ୍ୟାନସର ପଂଜୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ସତ୍ତ୍ୱେ କର୍କଟ ଏକ ମାରାତ୍ମକ ଅସାଧ୍ୟ ରୋଗ ଭାବେ ଉଭା ହୋଇଛି। ଦେଶର ବିଭିନ୍ନ ପ୍ରମୁଖ୍ୟ ମେଡିକାଲ ଇନ୍‌ଷ୍ଟିଚ୍ୟୁଟରେ କ୍ୟାନସର ରିସର୍ଚ୍ଚମାନଙ୍କ ଦ୍ୱାରା ୪୩ପ୍ରତିଶତ ରୋଗୀଙ୍କୁ ଚିହ୍ନଟ କରାଯାଇଥାଏ। ଯାହାକି ବିଭିନ୍ନ ପ୍ରକାରର କର୍କଟ ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ଯୋଗାଇଥାଏ। କିନ୍ତୁ ଏହା ନିସନ୍ଦେହ ଯେ, ଆମ ଦେଶରେ ୧୯୮୦ ଦଶକରୁ କର୍କଟ କେୟାର ପ୍ରୋଗ୍ରାମ ଆରମ୍ଭ ହୋଇଥିବା ସତ୍ତ୍ୱେ ଏବେ ଚିହ୍ନଟ ପ୍ରକ୍ରୀୟା ବିଶ୍ୱରେ ନିମ୍ନସ୍ତରରେ ରହିଛି। ଏହି ଅସାଧ୍ୟ ରୋଗର ବିଳମ୍ବିତ ଚିହ୍ନଟ ଫଳରେ ଚିକିତ୍ସା ସେବା ଏବେ ବି ଦେଶରେ ସବୁଠାରୁ ବଡ ଚ୍ୟାଲେଞ୍ଜ ହୋଇରହିଛି। ଦେଶରେ କର୍କଟ ବିଶେଷଜ୍ଞ ସଂଖ୍ୟା ବହୁତ କମ ରହିଛି। ଆବଶ୍ୟକତା ଠାରୁ ୨୦୦୦ କମ୍ କର୍କଟ ବିଶେଷଜ୍ଞ ଥିବା କୁହାଯାଏ। ଦେଶରେ କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ମହିଳାଙ୍କ ହାର ସର୍ବାଧିକ ୫୧ ପ୍ରତିଶତ ରହିଥିବା ପଂଜୀକୃତ ରୋଗୀ ତାଲିକା ସୂଚନା ଦିଏ। ସେମାନଙ୍କ ମଧ୍ୟରେ ସ୍ତନ ଓ ଗର୍ଭାଶୟ ଆକ୍ରାନ୍ତଙ୍କ ସଂଖ୍ୟା କେବଳ ୪୦ପ୍ରତିଶତ ବୋଲି ଆଇସିଏମଆର ତଥ୍ୟ କହେ। ତେବେ ମହିଳା କର୍କଟ ଆକ୍ରାନ୍ତଙ୍କୁ ସହଜରେ ଚିହ୍ନଟ କରାଯାଇପାରୁନଥିବାରୁ ଉତମ ତଥା ଫଳପ୍ରଦ ଚିକିତ୍ସା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି। କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ଆଗୁଆ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ମୃତୁହାର ଅତି ସ୍ୱଳ୍ପ ରହିଛି। କିନ୍ତୁ ମୁଖ, ଫୁସଫୁସ, ଗ୍ୟାଷ୍ଟ୍ରିକ କର୍କଟ ଆକ୍ରାନ୍ତଙ୍କୁ ବିଳମ୍ବରେ ଚିହ୍ନଟ କରାଯାଉଥିବାରୁ ମୃତ୍ୟୁ ହାର ଅଧିକ ରହିଛି। ଦେଶର ଉତର-ପୂର୍ବାଂଚଳରେ ବିଭିନ୍ନ ଅଂଚଳରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବା କ୍ୟାନସର ରେଜେଷ୍ଟ୍ରି ପ୍ରୋଗାମରୁ ଜଣାଯାଏ। ବିଶେଷ କରି ମିଜୋରାମରେ ୨୧ ପ୍ରତିଶତ ପୁରୁଷ ଏବଂ ୧୯ପ୍ରତିଶତ ମହିଳା ଅସାଧ କର୍କଟ ପିଡିତ ଥିବା କୁହାଯାଏ। ଯାହାକି ଜାତୀୟ ହାର ୧୧ ପ୍ରତିଶତ ଠାରୁ ବହୁ ଅଧିକ। କିନ୍ତୁ ଆଇସିଏମଆର ଦ୍ୱାରା ଦେଶର ମୋଟ କର୍କଟ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୨୦ପ୍ରତିଶତରୁ କମ୍ ପଂଜୀକୃତ ହୋଇଥାନ୍ତି। ହସ୍‌ପିଟାଲଗୁଡିକ କର୍କଟ ଆକ୍ରାନ୍ତଙ୍କ ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବା ପାଇଁ ଆମ ଦେରେ ବାଧ୍ୟତାମୂଳକ ଆଇନ ନାହିଁ। ଏ ନେଇ ଦେଶର ୧୭ଟି ରାଜ୍ୟରେ ଆଇନଗତ ବାଧ୍ୟତାମୂଳକ ବ୍ୟବସ୍ଥା ଥିବାବେଳେ ଦେଶର ଜନବହୁଳ ରାଜ୍ୟ ଉତରପ୍ରଦେଶ, ମହାରାଷ୍ଟ୍ର, ବିହାର ପରି କେତେକ ବଡ ବଡ ରାଜ୍ୟରେ ସରକାରଙ୍କୁ ତଥ୍ୟ ଦେବା ଲାଗି ଆଇନଗତ ଭାବେ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ନାହିଁ। କର୍କଟ ଆକ୍ରାନ୍ତଙ୍କ ସମ୍ପର୍କରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହସ୍‌ପିଟାଲଗୁଡିକ ତଥ୍ୟ ପ୍ରଦାନ ରିବା ବାଧ୍ୟତାମୂଳକ ହେବା ଆବଶ୍ୟକ। ଏଥିପାଇଁ ବଳିଷ୍ଠ ଆଇନର ଆବଶ୍ୟକତା ରହିଛି। ଯାହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍କଟ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ସକ୍ରୀୟ କରିପାରିବେ। ଯାହାର ଫଳସ୍ୱରୂପ ଦେଶରେ କର୍କଟ ଆରୋଗ୍ୟଙ୍କ ସଂଖ୍ୟା ବଢିବା ସହ ମୃତ୍ୟୁ ହାରକୁ ହ୍ରାସ କରାଯାଇପାରିବ ବୋଲି ଆଶା।

# ଭାବର ବାଣୀ ଭାଗବତ

**ଡ଼ଃ.ଅରୁନ୍ଧତୀ ଦେବୀ ■**

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲଇ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ଭାଦ୍ରବ ପୂର୍ଣ୍ଣିମା ଇନ୍ଦୁପୂର୍ଣ୍ଣିମା ନାମରେ ପ୍ରସିଦ୍ଧ। ଏହା ମଧ୍ୟ ଭାଗବତ ଜନ୍ମର ଦିନ। କାରଣ ଏହି ଦିନ ବ୍ୟାସଦେବ ସଂସ୍କୃତ ଶ୍ରୀମଦ ଭାଗବତର ରଚନା ଆରମ୍ଭ କରିଥିଲେ। ଅତିବଡ଼ି ଜଗନ୍ନାଥ ଦାସ ଏହାକୁ ସରଳ ନବାକ୍ଷରୀ ଓଡ଼ିଆରେ ରଚନା କରିଛନ୍ତି। ଶ୍ରୀମଦଭାଗବତର ଦ୍ୱାଦଶ ସ୍କନ୍ଧ, ସପ୍ତମ ଅଧ୍ୟାୟରେ ଚାରିବେଦ, ତାହାର ଶାଖା ପ୍ରଶାଖା, ପୁରାଣ ଓ ଉପପୁରାଣ ଆଦିର ବର୍ଣ୍ଣନା ଅଛି। ସେହି ପ୍ରସଙ୍ଗରେ ପୁରାଣର ଲକ୍ଷଣ ମଧ୍ୟ ବର୍ଣ୍ଣିତ ହୋଇଛି। ସେହି କ୍ରମରେ କୁହାଯାଇଛି ପୁରାତତ୍ତ୍ୱବିତ୍ ମୁନିମାନେ ଏହି ସବୁ ଲକ୍ଷଣ ଦ୍ୱାରା ପୁରାଣ ମାନଙ୍କୁ ଚିହ୍ନିତ କରନ୍ତି ଏବଂ ଏହି ସବୁ ଲକ୍ଷଣଯୁକ୍ତ ଚୋଟ ବଡ଼ ଅଠରଟି ପୁରାଣ ରହିଛି। ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ । ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ ।

ଏହି ଅଷ୍ଟାଦଶ ପୁରାଣ ନାମ ମଧ୍ୟ ସେହି ଅଧ୍ୟାୟର ୨୩ ଓ ୨୪ ଶ୍ଳୋକରେ ପ୍ରବର୍ତ୍ତ ହୋଇଛି। ଏହା ଅନୁସାରେ, ଅଷ୍ଟାଦଶ ପୁରାଣ ହେଉଛି - ବ୍ରହ୍ମପୁରାଣ, ପଦ୍ମପୁରାଣ, ବିଷ୍ଣୁପୁରାଣ, ଶିବ ପୁରାଣ, ଲିଙ୍ଗପୁରାଣ, ଗରୁଡ଼ ପୁରାଣ, ନାରଦ ପୁରାଣ, ଭାଗବତ ପୁରାଣ, ଅଗ୍ନି ପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ମାର୍କଣ୍ଡେୟ ପୁରାଣ, ବାମନ ପୁରାଣ, ବରାହପୁରାଣ, ମତ୍ସ୍ୟ ପୁରାଣ, କୂର୍ମ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ। ଏହାପରେ ୨୫ ଶ୍ଳୋକରେ କୁହାଯାଇଛି - ଶୌନକ ଏବଂ ମହର୍ଷି ବ୍ୟାସଦେବଙ୍କର ଶିଷ୍ୟ ପ୍ରଶିଷ୍ୟ ଗଣ ପରମ୍ପରାକ୍ରମେ ବେଦସଂହିତା ଓ ପୁରାଣ ସଂହିତା ମାନଙ୍କର ଅଧ୍ୟୟନ, ଅଧ୍ୟାପନ ଓ ବିଭାଜନ କରିଥିଲେ। ଏହି ପ୍ରସଙ୍ଗ ପଢ଼ିଲେ ବା ଶୁଣିଲେ ବ୍ରହ୍ମତେଜର ଅଭିବୃଦ୍ଧି ହୁଏ। ଏହି ପ୍ରସଙ୍ଗରେ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଭାଗବତର ମହତ୍ତ୍ୱ ସୂଚାଇ କହିଛନ୍ତି - ଅଷ୍ଟାଦଶ ପୁରାଣ ସାର / ଶ୍ରୀଭାଗବତ ନାମ ଯାର। ଅର୍ଥାତ୍ ଶ୍ରୀଭାଗବତ ପୁରାଣ ହେଉଛି ଏହି ଅଷ୍ଟାଦଶ ପୁରାଣର ସାର ସ୍ୱରୂପ। ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ ।

ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ପରମଶାସ୍ତ୍ର ଭାଗବତ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପରମଶାସ୍ତ୍ର ଭାଗବତ । ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗର ପ୍ରଦର୍ଶକ । ଅନ୍ୟ ଅର୍ଥରେ ଭଗବାନଙ୍କ ସାକ୍ଷାତ ସ୍ୱରୂପ ହେଉଛନ୍ତି ଶ୍ରୀମଦ୍‌ଭାଗବତ । ମାନବ କଲ୍ୟାଣ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଅଷ୍ଟାଦଶ ପୁରାଣ ଗ୍ରନ୍ଥ ରଚନା କରିବା ପରେ ବିଚାର କଲେ ଯେ ସ୍ୱଳ୍ପ ଆୟୁଷ କାଳ ମଧ୍ୟରେ ଅନନ୍ତ ଶାସ୍ତ୍ରକୁ ଅଧ୍ୟୟନ କରି ସାରତତ୍ତ୍ୱକୁ ପରିଜ୍ଞାତ ହେବା ସମ୍ଭବପର ନୁହେଁ । ତେଣୁ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଭାଗବତ ମହାପୁରାଣ । ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବାବେଳେ ଶ୍ରୀମଦ୍‌ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ । ଏହି ଦିବ୍ୟ ଫଳ ପାଚି ଝଡ଼ିବା ପରେ ଶୁକଦେବ ଏଥିରେ ଚଞ୍ଚୁ ଆଘାତ କରି ସ୍ୱାଦ ଅସ୍ୱାଦନ କଲେ । ଶୁକମୁଖ ଦ୍ୱାରା ନଷ୍ଟ ହୋଇ ସେଥିରୁ ଅମୃତରସ ଝରିଆସିଲା । ବିଂବିଧ ରସର ଭଣ୍ଡାର ଭାଗବତର ଦିବ୍ୟ ଅମୃତସରକୁ ମର୍ମଜ୍ଞ ରସିକ ପୁରୁଷମାନେ ପାନ କରିବାରେ ଲାଗିଲେ । ବାସ୍ତବରେ ଶ୍ରୀମଦ୍‌ଭାଗବତରେ ଅନେକ ମତର ସମନ୍ୱୟତା ପ୍ରତିପାଦିତ ହୋଇଛି । ଏହି ମହାନ୍ ଗ୍ରନ୍ଥ ହେଉଛି ବିଦ୍ୟାର ଭଣ୍ଡାର । ବାରଟି ସ୍କନ୍ଧରେ ବିଭକ୍ତ ଭାଗବତ ଶାସ୍ତ୍ରରେ ଷଡ଼ ସମ୍ବାଦ ମାଧ୍ୟମରେ ସକାମ କର୍ମ, ନିଷ୍କାମ କର୍ମ, ସକାମ ଓ ନିଷ୍କାମ୍ ଭକ୍ତର ବିବିଧ ସ୍ୱରୂପ, ସାଧନ ଜ୍ଞାନ, ସାଧ୍ୟଜ୍ଞାନ, ମର୍ଯ୍ୟାଦାମାର୍ଗ, ବର୍ଣ୍ଣାଶ୍ରମ ଧର୍ମ, ପୌରୁଷର ସାଧନ, ଅବତାର ରହସ୍ୟ, ଧର୍ମର ଆଶ୍ରୟ, ହରିଭକ୍ତ ରସାମୃତ, ସୃଷ୍ଟିସ୍ଥିତି ପ୍ରଳୟାଦି ବିବରଣ ଓ ଦ୍ୱୈତ-ଅଦ୍ୱୈତ ଦର୍ଶନର ଅବତାରଣା କରାଯାଇଛି । ଏହି ଶାସ୍ତ୍ର ପରମାର୍ଥ ସହିତ ସାଂସାରିକ ଜୀବନକୁ ସୁଖମୟ ଓ ଉନ୍ନତି କରିବା ପାଇଁ ମାର୍ଗଦର୍ଶକ । ସକଳ ବିଘ୍ନନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତି ପାଇଁ ଫୁସବନ ବ୍ରତ, ମନୋବାଞ୍ଛିତ ସନ୍ତାନ ସନ୍ତିତ ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ରସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଏ ।

ବ୍ୟାସରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ । ଶ୍ରୀଧରଙ୍କ ଟୀକା ପରେ ଭାଗବତ ଶାସ୍ତ୍ର ଭାରତବର୍ଷର ମୁଖ୍ରକାମୀ ଅଗଣିତ ବିଦ୍ୱାନ ଓ ଶ୍ରଦ୍ଧାଳୁଙ୍କ ପଥପ୍ରଦର୍ଶକ ସାଜିଥିଲା । ଏହି ଟୀକା ମାଧ୍ୟମରେ ଭକ୍ତଗଣ ଭାଗବତର ମର୍ମ ବୁଝିବାକୁ ସକ୍ଷମ ହୋଇଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଉତ୍କଳଭୂମିରେ ପଞ୍ଚସାଖା ଯୁଗୀୟ ଜ୍ଞାନାମିଶ୍ରିତ ଭକ୍ତିମାର୍ଗର ପ୍ରଚାର ହୋଇଥିଲା । ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆ ଭାଗବତ ରଚନା କରାଯାଇଥିଲା । ନିଜ ଜନନୀର ଇଚ୍ଛା ପୂରଣ କରିବାକୁ ଯାଇ ଯେଉଁ ମହାଶାସ୍ତ୍ର ରଚିତ ହେଲା, ତାହା ଆଜି ବି ଉତ୍କଳୀୟଙ୍କ ମାର୍ଗଦର୍ଶକ ସାଜିଛି । ପୁରୀ ନିକଟସ୍ଥ କପିଳେଶ୍ୱରପୁର ବ୍ରାହ୍ମଣଶାସନରେ ରାଧାଷ୍ଟମୀରେ ଜନ୍ମ ନେଇଥିଲେ ଜଗନ୍ନାଥ । ପୁରାଣପଣ୍ଡା ଭଗବାନ ଦାଶ ତାଙ୍କର ପିତା ଓ ମାତାଙ୍କ ନାମ ପଦ୍ମାବତୀ । ପିତାଙ୍କ ଦେହାନ୍ତେ ତାଙ୍କୁ ବଡ଼ଦେଉଳରେ ପୁରାଣ ପଢ଼ିବା ବୃତ୍ତିକୁ ଆଦରିନେବାକୁ ପଡ଼ିଥିଲା । ଏହା କିନ୍ତୁ ଥିଲା ମଣିକାଞ୍ଚନ ସଂଯୋଗ । ଆବାଲ୍ୟ ହରିଭକ୍ତ ଜଗନ୍ନାଥଙ୍କୁ ମିଳିଲା ମହାପ୍ରଭୁଙ୍କ ନିକଟରେ ବସି ତାଙ୍କରି ଯଶରାଶିକୁ ପଠନ ଓ ମନନ କରିବାର ଅହୋଭାଗ୍ୟ । ତେବେ ଗୋଟିଏ ଦୁଃଖ । ନିଜର ଅପାଠୋଇ ମାତା ବୁଝିପାରୁ ନାହାନ୍ତି ସଂସ୍କୃତ ଭାଗବତର ଅର୍ଥ । ଜନନୀଙ୍କ ଇଛା ଦୂର କରିବାକୁ ମନରେ ଚିନ୍ତା କରି ପରମେଶ୍ୱରଙ୍କୁ ସେ ଧ୍ୟାନ କଲେ । ସରଳ ସୁନ୍ଦର ନବାକ୍ଷରୀ ବୃତ୍ତରେ ଆରମ୍ଭ କଲେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ । ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି । ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧ ହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜର ଉତ୍ତରୀୟ । ସହର୍ଷେ କୋଳାଗ୍ରତ କରିବା ସହ ସେଇଦିନ ଭୂଷିତ କରିଥିଲେ ଅତିବଡ଼ି ଉପାଧିରେ । ଅନେକ କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଭକ୍ତିର ପରାକାଷ୍ଠା ବଳରେ ରାଜା ପ୍ରତାପରୁଦ୍ରଙ୍କୁ ଚମକତତ କରିବା ପରେ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା ବଡ଼ ଓଡ଼ିଆମଠ । କିନ୍ତୁ ନିଜର ସାଧନା ପାଇଁ ସେ ନିର୍ଜନ ବେଳାଭୂମିରେ ସ୍ଥାପନ କରିଥିଲେ ସାତଲହଡ଼ି ମଠ । ଏଠାରେ ରହି ରଚନା କଲେ ଓଡ଼ିଆ ଭାଗବତ ଏକାଦଶ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନଲୀଳା । ଲେଖିସାରିବାର ଅଳ୍ପଦିନ ପରେ ମାଘ ଶୁକ୍ଳ ସପ୍ତମୀରେ ତାଙ୍କର ଲୀଳାବସାନ ହୋଇଥିଲା । ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ମୂଳ ଭାଗବତ ଆଧାରରେ ରଚିତ ହୋଇଥିଲେ ବି ଏହା ଆକ୍ଷରିକ ଅନୁବାଦ ନୁହେଁ । ପ୍ରକୃତ ଭାଷାରେ ରଚିତ ଏହି କୃଷ୍ଣ ରଚିତ ଗାଥା । ଏଥିରେ କବିଙ୍କର ଭାଷା ଚାତୁରି ଓ କାବ୍ୟକତା ଅନନ୍ୟ ଭାବେ ପ୍ରତିପାଦିତ । ଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ମଧ୍ୟ ଉପଲବ୍ଧ ହୁଏ । ତେବେ ମଧ୍ୟଯୁଗୀୟ ଓଡ଼ିଶାରେ ଭାଗବତ ହିଁ ଧର୍ମ ଆନ୍ଦୋଳନରେ ମୁଖ୍ୟ ପୁରୋଧା ଥିବା ଗବେଷକମାନେ ମତ ଦିଅନ୍ତି । ଏହା ଷୋଡ଼ଶ ଶତାବ୍ଦୀ ଠାରୁ ଉତ୍କଳୀୟ ଧର୍ମଧାରାକୁ ଅନେକ ପରିମାଣରେ ପ୍ରଭାବିତ କରିଆସୁଛି । ଲୋକେ କଥାକଥାରେ ଭାଗବତ ପଂକ୍ତି ଉଦ୍ଧାର କରନ୍ତି । ପ୍ରତିଘରେ ଭାଗବତକୁ ପୂଜା କରାଯାଉଥିବାବେଳେ ଗାଁ ଗାଁରେ ଭାଗବତ ଟୁଙ୍ଗୀ ମାଧ୍ୟମରେ ଜ୍ଞାନଚର୍ଚ୍ଚା ହୋଇପାରୁଥିଲା । ଭାଦ୍ରବ ପୂର୍ଣ୍ଣିମାରେ ଜଗନ୍ନାଥ ଦାସ ଭାଗବତ ଲେଖା ଆରମ୍ଭ କରିଥିବା ଜନଶ୍ରୁତି ଆଧାରରେ ଏହି ଦିନ ଭାଗବତ ଜନ୍ମ ଓ ଆଷାଢ଼ ଗୁରୁ ପୂର୍ଣ୍ଣିମାରେ ବଡ଼ା ଉତ୍ସବ ପାଳିତ ହେଉଥିଲା । ଏବେ କିନ୍ତୁ ଆଧୁନିକତା ନାମରେ ଏହିସବୁ ବୈଭବ ଲୋପ ପାଇଯାଉଥିବା ଦେଖାଯାଉଛି । ତେବେ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜର କଲ୍ୟାଣ ପାଇଁ ତଥା ଆତ୍ମୋଦ୍ଧାର ପାଇଁ ନିରନ୍ତର ଭାଗବତ ରସ ଆସ୍ୱାଦନ କରିବା ଆବଶ୍ୟକ । ଏହାଦ୍ୱାରା ମାନବ ଜୀବନ ଚରିତାର୍ଥ ହୋଇଥାଏ ।

ପ୍ରତିରତ୍ତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ‘ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ’

**ସୌର ଚନ୍ଦ୍ର ମହାପାତ୍ର ■**

ଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଗ୍ରନ୍ଥ। ଏହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରି ପାରିଛି। ଓଡ଼ିଆ ଜାତି ପ୍ରାଣରେ ସ୍ପନ୍ଦନ ଜଗାଇ ପାରିଛି। ଓଡ଼ିଶା ବାହାରେ ଥିବା ଓଡ଼ିଆ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ମୋହ ସୃଷ୍ଟି କରିପାରିଛି। ସେଥିପାଇଁ ଜନସମାଜରେ ଭାଗବତରେ ଜନପ୍ରିୟତା ସମ୍ବନ୍ଧରେ ବିଶିଷ୍ଟ ପ୍ରାବନ୍ଧିକ ଜଗବନ୍ଧୁ ସିଂହ ତାହାଙ୍କର ପ୍ରାଚୀନ ଉତ୍କଳ ପୁସ୍ତକରେ ଲେଖିଛନ୍ତି :- ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରାଧାନ୍ୟ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧାୟେ ଭାଗବତ ବୋଲି ପାରିଲା ତାହାର ବିଦ୍ୟା ଶେଷ ହେଉଥିଲା।

ଲୋକର ଆସନ୍ନ ମୃତ୍ୟୁବେଳେ ତାହାର ପୁତ୍ର-ପୌତ୍ରାଦି ଆତ୍ମୀୟ ସ୍ୱଜନ ତାହା କାନରେ ଅଧାୟେ ଭାଗବତ ଶୁଣାଉଥିଲେ। ଗ୍ରାମରେ ବିସୂଚିକା, ମହାମାରୀ, ପ୍ରଭୃତି ଉପଦ୍ରବ ହେଲେ ଭାଗବତ ପାଠ, ହରିହାଟ, ସପ୍ତାଙ୍ଗ ଭାଗବତ ପ୍ରଭୃତି ହେଉଥିଲା। ଭାଗବତ ପାଠ କଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା।

ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣେ। କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରେ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟକତା ଦରକାର ପଡ଼େ। ଉଲ୍ଲେଖଯୋଗ୍ୟ ଯେ ଭଗବାନଙ୍କୁ ଜାଣିବା ପାଇଁ ଏମାନେ (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ସିଧାସଳଖ କିଛି ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। ଭଗବାନଙ୍କୁ ଜାଣିବା ପାଇଁ ଯେଉଁ ପ୍ରକ୍ରିୟାଟି ଆବଶ୍ୟକ ତାହାକୁ କହନ୍ତି ସ୍ୱାନୁଭବ ବା ସ୍ୱାନୁଭବ ନିମନ୍ତେ ଭକ୍ତି ଆବଶ୍ୟକ।

ଠିକ ଏତିକିବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ୍ୟ ଧର୍ମକୁ ଭାଗବତ ଧର୍ମ କୁହାଯାଏ।



ଶ୍ରୀମଦ୍ ଭାଗବତରେ ଅଣାକାର ପୁଣି ସାକାର ଏବଂ ଦିବ୍ୟ ଅଦିବ୍ୟର ପ୍ରତିମୂର୍ତ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ତାଙ୍କ ଲୋମ କୂପରେ କୋଟି କୋଟି ବ୍ରହ୍ମାଣ୍ଡ ଝୁଲୁଥିବାର ଭକ୍ତକବି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - ‘ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମ କୂପେ ଦୋହଲାଇ।’ ସ୍ୱୟଂ ଭକ୍ତକବି ଭାଗବତର ଭଗବାନ ଏକ ସର୍ବବ୍ୟାପକ ଶକ୍ତି, ସେ ସକଳ ଘଟରେ ବିଦ୍ୟମାନ। ‘ସକାଳ ଘଟେ ନାରାୟଣ, ବସଇ ଅନାଦି କାରଣ।’ ଗୀତାର ‘ଅହମାତ୍ମା ଗୁଡ଼ାକେଶ ସର୍ବଭୂତଶୟସ୍ଥିତ’ ପରି ଭକ୍ତକବି ଜଗନ୍ନାଥଙ୍କ ଭଗବାନ ସକଳ ପ୍ରାଣୀଙ୍କର ମଙ୍ଗଳକାରକ, ସକଳ ଘଟର କ୍ରିୟାଶକ୍ତି।

ପ୍ରଥମରୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ସମଗ୍ର ଭାଗବତଟି ନୀତିଶିକ୍ଷା, ସଂସାରିକ ଜୀବନ ଯାପନ କରିବା ପାଇଁ ମାର୍ଗ ନିଦର୍ଶନ ଏବଂ ଭକ୍ତି ଭାବନାରେ ପରିପୂର୍ଣ୍ଣ। ତହିଁରୁ କେତୋଟି ପଂକ୍ତି ଉଲ୍ଲେଖ କଲେ ଏହା ପରିସ୍କାର ରୂପେ ବୁଝାପଡ଼ିବ - ‘ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର। ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେପରି ମିଳଇ। ଦଣ୍ଡିବା ଶକ୍ତି ସାର ଥାଇ, ସେ ପୁଣି କ୍ଷମା ଆଚରାଇ। ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣଧରେ ପରହିତେ। ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।’

ଏକ ବିରାଟ ଭାଗବତ ଗ୍ରନ୍ଥରେ ଯୋଗ, ଧର୍ମ, ନୀତି, ଆଚାର, ବିଚାର ସହିତ ଭଗବାନଙ୍କର ଅବତାର ବର୍ଣ୍ଣନା ପାଠକ ପ୍ରାଣରେ ଅପୂର୍ବ ଭାବମୂର୍ତ୍ତି ସୃଷ୍ଟି କରେ। ମଣିଷର ମଙ୍ଗଳ କ’ଣ ? ଶାସ୍ତ୍ରର ସାର କ’ଣ ଶ୍ରୀକୃଷ୍ଣ କାହିଁକି ଜନ୍ମ ଗ୍ରହଣ କଲେ। ଭଗବାନ ଶ୍ରୀକୃଷ୍ଣ କି କାର୍ଯ୍ୟ କରିଥିଲେ ଏବଂ ଶେଷରେ ଧର୍ମ କିପରି ରକ୍ଷିତ ହେଲା ଇତ୍ୟାଦି ମୁଖ୍ୟ ଛଅଗୋଟି ବିଷୟ ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ।

ସେଥିପାଇଁ ଭାଗବତ ଗ୍ରନ୍ଥର ପ୍ରଥମରେ ଉଲ୍ଲେଖ ରହିଛି - ‘କିସ ମଙ୍ଗଳ ପୁରୁଷର, ସାର କି ସକଳ ଶାସ୍ତ୍ରର। ଦେବକୀ ଗର୍ଭେ ଯଦୁସାଇଁ, ଜନ୍ମ ଲଭିଲେ କାହିଁ ପାଇଁ। କି କାର୍ଯ୍ୟ କଲେ ଭଗବାନ, ହେଲେ କି ଅବତାର ମାନ। ସେ ପ୍ରଭୁ ହୋନ୍ତେ ଅନ୍ତର୍ହିତ, ଧର୍ମ ବା ହେଲା କାହାଶ୍ରିତ। ’ ଯେଉଁଠି ସକଳ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଯେ ଭଗବାନଙ୍କ ଠାରେ ଐକାନ୍ତିକ ଭାବରେ ନିଜକୁ ସମର୍ପିତ କରିଥାଏ ଏବଂ ଭଗବାନ କୃପା ପ୍ରଦର୍ଶନ କରି ତାହାକୁ ଗ୍ରହଣ କରିଥାନ୍ତି ସେହିଠାରେ ଭାଗବତ ଧର୍ମର ଅବତାରଣା ହୋଇଥାଏ। ମହାଭାରତ ଓ ଭଗବତ ଗୀତାରେ ଏହାର ଉତ୍ସ ଅଛି। ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ୍ୟ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାଯୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀମାନଙ୍କର ପରମ ଅଭିଳାଷ।

ଭଗବାନ ଯେଉଁଠି ନିତ୍ୟ-ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ ‘ମର୍ତ୍ତ୍ୟ ବୈକୁଣ୍ଠ’ ଭାବରେ ଗ୍ରହଣ କରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଚ୍ଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟ ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟାଗ କରିଥିଲେ ମଧ୍ୟ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହିଠାରେ ଦେହ ତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି - ‘ଜଗନ୍ନାଥ ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।’ ଓଡ଼ିଶାରେ ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

ଷୋଡ଼ଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି ଶ୍ରୀଜଗନ୍ନାଥ ଦାସ ଭାଗବତ ରଚନା କରି ଯେଉଁ ଗୌରବ ଅର୍ଜନ କରିଯାଇଛନ୍ତି ତାହା କ୍ୱଚିତ କବିଙ୍କ ଭାଗ୍ୟରେ ମିଳିପାରିଥାଏ। ସେ ଧର୍ମ ସାହିତ୍ୟକୁ ସଂସ୍କୃତର ନିଗଡ଼ ବନ୍ଧନରୁ ମୁକ୍ତ ରି ଯେ କୌଣସି ଓଡ଼ିଆ ଲେଖିପଢ଼ି ଜାଣିଥିବା ବ୍ୟକ୍ତିଙ୍କୁ ପଠନର ଅଧିକାର ଦେଇଯାଇଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ କିନ୍ତୁ ଜଗନ୍ନାଥଙ୍କୁ ଅବତାର ରୂପେ ମାନିଛନ୍ତି। ସେ ସେଥିପାଇଁ ଲେଖିଛନ୍ତି :- ‘ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ। ହୋଇଲୁ ଦଶ ଅବତାର, ନାଶିଲୁ ଅବନୀର ଭାର। ନମସ୍ତେ ପ୍ରଭୁ ଜଗନ୍ନାଥ, ଯାର ଶଣୀର ଏ ଜଗତ, ତୁ ବିଶ୍ୱନାଥ ଜଗତ ପତି, ମହାପୁରୁଷ ସର୍ବରାତି।’

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬



# ସାଧୁ ସ୍ୱାଧାୟ ସଙ୍ଗମ କାର୍ଯ୍ୟକ୍ରମ ଉଦଯାପିତ

କେନ୍ଦ୍ରାପଡ଼ା୭ ।୯ :(ମନ୍ଥନ)ପବିତ୍ର ସୁନିଆର ଶୁଭମୁହୂର୍ତ୍ତରେ ପ୍ରାନ୍ତ ଧର୍ମଜାଗରଣ ସମନ୍ୱୟ ସଂସ୍କୃତି ଆୟମ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲା ଧର୍ମଜାଗରଣ ସମନ୍ୱୟ ସହଯୋଗରେ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତତ୍ୱାବଧାନରେ "ସାଧୁ ସ୍ୱାଧାୟ ସଙ୍ଗମ - ୨୦୨୫" ନାମରେ ଏକ ଭବ୍ୟ କାର୍ଯ୍ୟକ୍ରମ ଗୁରୁବାର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଆୟୋଜନ କରାଯାଇଥିଲା । ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦଜୀ, ପ୍ରାନ୍ତ ସଂସ୍କୃତି ପ୍ରମୁଖ ସ୍ୱାମୀ ସ୍ମୃତିସାଗର ମହାରାଜ, ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ, ସ୍ୱାମୀ ବିଶ୍ୱନାଥ ମହାରାଜ,ତ୍ରୈଲୋକ୍ୟକେଶରୀ ଭାରତୀ ମହାରାଜ ଓ ଶିବାନନ୍ଦ ଆଶ୍ରମର ସ୍ୱାଧୀମାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ କରକମଳରେ ଏହି କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଶୁକ୍ରବାର ଜିଲ୍ଲାର ଦଶଟି ସ୍ଥାନ ଓ ମୁଖ୍ୟ ମୁଖ୍ୟ ହିନ୍ଦୁ ଗ୍ରାମରେ ସାଧୁସନ୍ଥ ମାନଙ୍କ ପ୍ରବାସ ରହି ସନ୍ଧ୍ୟା ୬ଟାରେ କାର୍ଯ୍ୟକ୍ରମ ସମାରୋପ କରାଯାଇଥିଲା । ସାଧୁ ସ୍ୱାଧାୟ-୨୦୨୫କାର୍ଯ୍ୟକ୍ରମ ସ୍ୱରୂପ ଦଶଟି ହିନ୍ଦୁ ଗ୍ରାମ ସମ୍ପର୍କ ତଥା ପରିବାର ସମ୍ପର୍କ ଯାତ୍ରା



ଆକର୍ଷଣୀୟ ହେବା ସହିତ ଜିଲ୍ଲାର ଏକ ଆଧାତ୍ମିକ ପରିବେଶରେ ଭରିଦେଇଥିଲା । ଏହି ଯାତ୍ରା ସମୟରେ ପ୍ରତ୍ୟେକ ହିନ୍ଦୁ ଘର ଓ ପରିବାର ସନ୍ଥମାନଙ୍କୁ ନିଜ ପରିବାରରେ ପାଇ ଅତ୍ୟନ୍ତ ଖୁସି ଅନୁଭବ କରିବା ସହିତ ଭାବବିହ୍ୱଳ ହୋଇଯାଇଥିଲେ । ସନ୍ଥମାନଙ୍କୁ ଧୂପ,ଦ୍ୱୀପ ଓ ସଙ୍କୀର୍ତ୍ତନ ମାଧ୍ୟମରେ ଭବ୍ୟ ସ୍ୱାଗତ କରିବା ସହିତ ସ୍ୱାଦିଷ୍ଟ୍ୟଞ୍ଜନମାନ ପ୍ରସ୍ତୁତ କରି ସନ୍ଥମାନଙ୍କୁ ସେବା ଉଦେଶ୍ୟରେ ପରସି ଦେଇଥିଲେ । ବହୁଦିନ ପରେ ହିନ୍ଦୁସମାଜ ମଧ୍ୟରେ ସନ୍ଥମାନଙ୍କ ଆଗମନ ହିନ୍ଦୁ ସମାଜ ପ୍ରତି ଏକ ଶୁଭ ସଙ୍କେତ ବୋଲି ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ହିନ୍ଦୁମାନଙ୍କର ଥିବା ଛୁଆଁ ଅଛୁଆଁ ଅସ୍ପୃଶ୍ୟତା ବିରୋଧରେ ସାଧୁସନ୍ଥମାନଙ୍କର ଲଢେଇ ଶୁଭାରମ୍ଭ ହୋଇ ଆମେ ସମସ୍ତେ ହିନ୍ଦୁ ଓ ଆମ ମାନଙ୍କର ଏକ ମାତ୍ର ଜାତି ହିନ୍ଦୁ । ଆମ ଭିତରେ ଉଚ୍ଚନୀଚ ଭେଦଭାବ ନରଖି ଆମ୍ଭେ ସମସ୍ତେ ଗୋଟିଏ ମାତା ଭାରତୀର ସନ୍ତାନ ଏହି ବାର୍ତ୍ତା ଗ୍ରାମେ ଗ୍ରାମେ ବୁଲି ସାଧୁସନ୍ଥମାନେ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ସାଧୁସନ୍ଥ, କାର୍ଯ୍ୟକର୍ତ୍ତା, ଶୁଭେଛୁ ଉପସ୍ଥିତ ଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଧର୍ମଜାଗରଣ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ଧର୍ମଜାଗରଣ ପ୍ରମୁଖ ଆଲୋକ ଖଟୁଆ, ବିଧି ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରାନ୍ତ ସହ ସଂସ୍କୃତି ପ୍ରମୁଖ ଶରତ ମହାପାତ୍ର, ରଶ୍ମୀରଞ୍ଜନ ମିଶ୍ର, ଅରବିନ୍ଦ ପଟ୍ଟନାୟକ, ବିଭାଗ ସଂଯୋଜକ ଗୋଲଖ ବେହେରା, ଜିଲ୍ଲା ସହସଙ୍ଘ ଚାଳକ ସଞ୍ଜୟ ପତ୍ରୀ, ବାଇଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ଉମେଶ ଦାସ, ବିବେକାନନ୍ଦ ମହାରଣା, ଶଶାଙ୍କ ଜେନା, ମିଳନ ଓଝା, ଜୟଦେବ ପରିଡା, ମାଧବ ପ୍ରଧାନ, ଅଭିଜିତ ଦାସ, ନିକେତନ ଜେନା, ପ୍ରକାଶ ରାଉତ, ସୁଶିଲ ଦାସ, ଲକ୍ଷ୍ମୀସାଗର ମହାନ୍ତି, ଶାନ୍ତି ଭୂୟାଁ, ପ୍ରବୀଣ ବେହେରା, ସତ୍ୟପ୍ରକାଶ ନାୟକ, ପ୍ରତାପ ରାଉତ, ରାଜେନ୍ଦ୍ର ଗିରି ଓ ଖଣ୍ଡସ୍ତରର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରତିଦିନ ସହ ଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ନୂତନ ରେଷ୍ଟୁରାଣ୍ଟ ଉଦଘାଟିତ

ଫୁଲନଖରା,୭ ।୯ :(ମନ୍ଥନ)ପବିତ୍ର ଗୁରୁଦିବସ ଅବସରରେ ଗ୍ରାହକଙ୍କୁ ସୁଲଭ ଓ ଭଲ ଖାଦ୍ୟ ପରଷି ଦେବାପାଇଁ ରୋଜିସ୍ ଏଟର ନାମକ ରେସଟୁରାଣ୍ଟ ପାହାଳ ଥାନା ନଖରା ଗଡ଼ାରେ ଉଦ୍‌ଘାଟନ ହୋଇଯାଇଛି । ଏହାକୁ ରେସଟୁରାଣ୍ଟ ର ପ୍ରୋପାଇଟର ଶ୍ରୀମତୀ ରୋଜାଲିନ ସାହୁ ଉଦ୍‌ଘାଟନ କରିଥିବାବେଳେ ମାଲିକ ପ୍ରେମାନନ୍ଦ ସାହୁ ଉପସ୍ଥିତ ରହି ଗ୍ରାହକମାନେ କିଭଳି ଶସ୍ତା ସୁଲଭ ଦରରେ,ବିଭିନ୍ନ ପ୍ରକାର ଖାଦ୍ୟ ତାଙ୍କର ପରିବାରଏଠି ଶାନ୍ତିରେ ବସି ଖାଇପାରିବେ ସେ ପ୍ରତି ଧ୍ୟାନ ଦେବେବୋଲି କହିଥିଲେ । ଏହି ରେସଟୁରାଣ୍ଟ ଟି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ସହ ଭେଜ ନନଭେଜ ର ସମସ୍ତ ଆଇଟମ ଏଠାରେ ଜଣେ ଗ୍ରାହକ ଶାନ୍ତିରେ ବସି ଖାଇବାର ମଜା ନେଇପାରିବେ । ଯଦିଜଣେ କଟକ କିମ୍ବା ଭୁବନେଶ୍ୱର ରୁ ଆସୁଛନ୍ତି ସେ ଫୁଲ ନଖରା ଛକରୁ ନିଆଳି ରୋଡରେ ୩୦୦ମିଟରଆସିଲା ପରେ ଏହି ରେସଟୁରାଣ୍ଟ ଟି ପଡିବ । ସମସ୍ତେ ଆସନ୍ତୁ ଆଉ ଏଠାରେ ଖାଇବାର ମଜା ନିଅନ୍ତୁ ।

# ଚୋରୀ ହୋଇଥିବା ସୁନା ମିଳିବ କେବେ

**କଂଟାବାଞ୍ଜି/ବଙ୍ଗୋମୁଣ୍ଡା,୭ ।୯ :(ମନ୍ଥନ)**ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ସହରର ଆଶ୍ରମ ପଡାରେ ରହୁଥିବା ଜଣେ ବିଧବା ମହିଲାଙ୍କ ଘରୁ ଗତ ନୂଆଁଖାଇ ପୁର୍ବରୁ ସୁନା ଓ ଟଙ୍କା ଚୋରୀ ହୋଇଥିଲା । ତେବେ ଏହାକୁ ନେଇ କଂଟାବାଞ୍ଜି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ କିଛି ସୁନା ମଧ ଜବତ କରିଛି । ସୁଚନା ଅନୁସାରେ ନୁଆଁଖାଇ ପୁର୍ବରୁ ବିଧବା ମହିଳା ନିଶିମା ତବସୁମଙ୍କ ଘରୁ ୨୩୦ ଗ୍ରାମର ସୁନା ଓ ନଗତ ୪୦ହଜାର ଟଙ୍କା ଚୋରୀ ହୋଇଥିଲା । ଏଥିରେ ବିଧବା ଜଣଙ୍କ ଥାନାରେ ଲିଖିତ ଜଣାଇଥିଲେ ଯେ, ତାଙ୍କରେ ଘରେ କାମ କରୁଥିବା ଚାକରାଣୀ ମାଧୁରୀ ପୋତଙ୍କ ସଂପୃକ୍ତି ଥିବା ସହ ସେ ହି ଘରୁ ସୁନା ଓ ଟଙ୍କା ଚୋରି କରିଛି । ତେବେ ଅଭଯୋଗକୁ ଭିତ୍ତି କରି କଂଟାବାଞ୍ଜି ପୁଲିସ ସଂପୃକ୍ତ ଥିବା ଚାକାରଣୀ ମାଧୁରୀ କୁ ଗିରଫ କରିବା ସହ ତାଙ୍କ ଠାରୁ ୬୦ଗ୍ରାମ ମାତ୍ର ସୁନା ଚାକାରାଣୀରୁ ଜବତ କରି ଫେରାଇଛି । ଏହାକୁ ନେଇ ଏବେ ପୁଣି ନିଶିମା ସ୍ଥାନୀୟ ଏସଡିପିଓ ଏବଂ ବଲାଙ୍ଗୀର ଏସ୍ପିଙ୍କୁ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗରେ ଲେଖା ରହିଛି ଯେ, ତାଙ୍କର ଏହି ସୁନା ଚୋରୀ ମାମଲାରେ ସଂପୃକ୍ତ ଥିବା ଚୋର ମାଧୁରୀକୁ ପୁଲିସ ଗିରଫ କରି ଜେଲ ପଠାଇଲା ସତ ହେଲେ ମାତ୍ର ୬୦ ଗ୍ରାମ ସୁନା ଦେଇ କାମ ସାରି ଦେଇଛି କଂଟବାଞ୍ଜି ପୁଲିସ ଏଣୁ ଏହାର ତଦନ୍ତ ଏକ ଭଲ ଅଫିସର କଲେ ଆମେ ଉପୃକୃତ ହେବୁ ଏବଂ ମୋର ଚୋରୀ ହୋଇଥିବା ସମସ୍ତ ଚୋରୀ ସୁନା ଫେରି ପାଇବୁ । ଏହାକୁ ନେଇ ଆଜି ଏକ ସମ୍ବାଦିକ ସମ୍ମିଳନୀ କରି ସୁଚନା ଦେଇଛନ୍ତି ନଶିମା ଙ୍କ ପରିବାର ବର୍ଗ ।

# ବୁଣାକାର ସଙ୍ଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଡେଲାଙ୍ଗ,୭ ।୯ :(ମନ୍ଥନ)**ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘନିପୁର ଗ୍ରାମର ଶ୍ରୀ ଶ୍ରୀ ରଘୁନାଥ ଦେବ ବୁଣାକାର ସଙ୍ଘ ପକ୍ଷରୁ ପବିତ୍ର ଗୁରୁଦିବସ, ଶୁକ୍ରବାର ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁସ୍ଥ ପରିବେଶ, ସୁସ୍ଥ ଜୀବନ ପାଇଁ ଗଛ ଲଗାନ୍ତୁ ଭବିଷ୍ୟତ ବଞ୍ଚାନ୍ତୁ ଆହ୍ୱାନ ଦେବା ସହ ପରିବେଶ ସୁରକ୍ଷା ନେଇ ଜନସଚେତନ କରିଥିଲେ ! ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ର ସଭାପତି ଅର୍ଜ୍ଜୁନ ପାଳ ଓ ସମ୍ପାଦକ ପ୍ରସନ୍ନ କୁମାର ସିଂହଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଗ୍ରାମ ସ୍ମଶାନ ଏବଂ ରଘୁନାଥ ଦେବ ମନ୍ଦିର ପରିସରରେ ଆମ୍ବ, ନଡ଼ିଆ, ଲେମ୍ବୁ, ଗୁଆ ଆଦି ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସମାଜସେବୀ ରାଜକିଶୋର ବେହେରାଙ୍କ ସହ ସଙ୍ଘ ର ମଙ୍ଗୁଳି ଚରଣ ଗିଲ, ସନ୍ତୋଷ କୁମାର କୁଣ୍ଡ,ଅନନ୍ତ ଚରଣ ଗିଲ, ସୁବାଷ କୁମାର ନାୟକ,ହାଡୁବନ୍ଧୁ ନାୟକ, ସୁରେଶ କୁମାର ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ସଙ୍ଘ ର ଏଭଳି କାର୍ଯ୍ୟକ୍ରମକୁ ଗ୍ରାମ୍ଯବାସୀ ମାନେ ଭୁୟସୀ ପ୍ରଶଂସା କରିଥିଲେ ।

# ମାଁ ରାମଚଣ୍ଡୀ ପୀଠରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଗଞ୍ଜାମ,୭ ।୯ :(ମନ୍ଥନ)**ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ଅଧିନସ୍ଥ ପାହାଡ଼ ଶିଖରେ ବିରାଜମାନ ମାଁ ରାମଚଣ୍ଡୀ ଶକ୍ତି ପୀଠରେ ଅମା' ପାଇଁ ଗଛଟିଏ କାର୍ଯ୍ୟକ୍ରମଞ୍ଚ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ର ସମାଜ ସେବୀ ଶିବ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ସର୍ବ ପ୍ରଥମେ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ ସମସ୍ତ ଅତିଥି ବୃନ୍ଦଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ ।ପରେ ପୂଜା କମିଟି ସଭାପତି ଶ୍ରୀ ଦୟାନନ୍ଦ ରେଡ୍ଡୀ, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, ରାଜେନ୍ଦ୍ର ପଲେଇ, ବରିଷ୍ଠ ପରାମର୍ଶ ଦାତା ତ୍ରିପତି ବାଲାଜୀ ମିଶ୍ର, ସୁଧୀର ମହାରଣା, କୋଷାଧକ୍ଷ କୁଞ୍ଜ ନାୟକ ଓ ଗୋବର୍ଦ୍ଧନ ନାୟକଙ୍କ ସହିତ ମନ୍ଦିର ଚତୁର୍ପାର୍ଶ୍ୱ, ହନୁମାନ ମନ୍ଦିର, ରାମ କୁଣ୍ଡ ଓ ପ୍ରକୃତିକ ସୌନ୍ଦର୍ଯ୍ୟ ଭରା ପୀଠର ଚତୁର୍ପାର୍ଶ୍ୱ ବୁଲି ଦେଖେଇବା ପରେ ।ମାଁ ରାମଚଣ୍ଡୀ ଙ୍କ ନାଁ ରେ ମା' ପାଇଁ ବୃକ୍ଷ ରୋପଣଞ୍ଚ କରାଯାଇଥିଲା । ଶେଷରେ ଛତ୍ରପୁର ବିଧାୟକ ଏହି କାର୍ଯ୍ୟକ୍ରମ ପାଇଁ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟି ଧନ୍ୟବାଦ ଦେବା ସହିତ ସଂଯୋଜକ କମଳ ପଣ୍ଡା ଓ ଟ୍ରଷ୍ଟି ଲକ୍ଷ୍ମୀ ନୃସିଂହ ପଣ୍ଡାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

# ଚୋରାମଦ ଜବତ,୬ ଗିରଫ

କେନ୍ଦ୍ରାପଡ଼ା,୭ ।୯ :(ମନ୍ଥନ)ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜନଗର ଓ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗୋବିନ୍ଦପୁର ଗ୍ରାମର ଅନିରୁଦ୍ଧ ମଳିକ(୪୧)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ସୌମ୍ୟରଞ୍ଜନ ପାତ୍ର(୨୧)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ, ଏକଲାପୁର ଗ୍ରାମର ସଞ୍ଜୟ ରାଉତ(୪୫)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ବେଣାକନ୍ଦା ଗ୍ରାମର ନାଡୁଗୋପାଳ ମଣ୍ଡଳ(୫୨)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କଂସାର ଗ୍ରାମର ମଧୁସୂଦନ ପାଲ(୪୫)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଓ ସୁଧିର ରାଉତ(୪୩)ଙ୍କ ଠାରୁ ୧୩ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ



୧୪୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଓ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା

ଭଦ୍ରକ,୭ ।୯ :(ମନ୍ଥନ))ଶିକ୍ଷକ ମାନେ ହେଉଛନ୍ତି ସୁସ୍ଥ ସମାଜର ନିର୍ମାଣକାରୀ, ଉତ୍ତମ ଛାତ୍ରଛାତ୍ରୀ ଗଢି ତୋଳିବାରେ ଶିକ୍ଷକ ମାନଙ୍କର ଭୂମିକା ଅତୁଳନୀୟ । ତେଣୁପ୍ରତ୍ୟେକ ସଫଳ ମଣିଷ ହେବା ପାଇଁ ଜଣେ ଗୁରୁ ର ଆଶୀର୍ବାଦ ନିହାତି ଆବଶ୍ୟକ । ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ ଗୁରୁର ସ୍ଥାନ କେହି ନେଇ ପାରିବେ ନାହିଁ ବୋଲି ଗତକାଲି ଶୁକ୍ରବାର ପବିତ୍ର ଗୁରୁଦିବସ ଅବସରରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥି ମାନେ ମତ ଦେଇଛନ୍ତି । ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଗତକାଲି ଶୁକ୍ରବାର ସନ୍ଧ୍ୟା ୭ଘଟିକା ସମୟରେ ଗୁରୁଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବ୍ଲକ ଶିକ୍ଷଧିକାରୀ ଚକ୍ରଧର ମଲ୍ଲିକ, ଇଂ ଅଭୟ ସୁତାର, ଅଧକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଂଗଠନ ର ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ସଭାନେତ୍ରୀ କଳ୍ପନା ଜେନା ପ୍ରାରମ୍ଭିକ ସୂଚନା, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ, ସହ ସମ୍ପାଦିକା ଗାୟତ୍ରୀ ସେଠି, ଆବାହକ ରେଣୁବାଳା ଖିଲାର, ସଦସ୍ୟା ରିତାଞ୍ଜଳୀ ମହାରଣା, ରେଣୁକା ନାୟକ, ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ସାଂସ୍କୃତିକ ସମ୍ପାଦକ ରିଚିସ୍ମିତା ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ କୁମାର ଗୌତମ ଗୁରୁ ବନ୍ଦନା ଗାନ କରିଥିଲେ ଓ ଉପଦେଷ୍ଟା ଦୀପ୍ତି ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩୭ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଦେଷ୍ଟା ଦୀପାଳି ମିଶ୍ର, ଆବାହକ ରେଣୁବାଳା ଖିଲାର, ଉପସଭାପତି ଚଇତାଳି ଖିଲାର, ଆଇନଜୀବି ଅଞ୍ଜୁବାଳା ରାଉତ,ରିତାଞ୍ଜଳୀ ମହାରଣା, ରତୁକା ନାୟକ, ଚିତ୍ରଶିଳ୍ପୀ ପ୍ରଭାତ ଜେନା,ସାମାଜିକ କର୍ମୀ କୃଷ୍ଣ ଚନ୍ଦ୍ର ବେହେରା, ଟୁଲୁ ରାୟ ପ୍ରମୁଖ ଉତ୍ସବ କୁ ପରିଚାଳନା କରିଥିଲେ ।

# ମା ରାମଚଣ୍ଡୀ ପୀଠରେ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟିର ପ୍ରସ୍ତୁତି ବୈଠକ

**ଗଞ୍ଜାମ,୭ ।୯ :(ମନ୍ଥନ)**ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତ ରେ ବିରାଜମାନ ମାଁ ରାମଚଣ୍ଡୀ ଙ୍କ ପୀଠରେ ପବିତ୍ର ଶୟନାଷ୍ଟମୀ ଅବସରରେ ମା' ଙ୍କ ଆସନ୍ତା ଷୋଡଶ ଦିନାତ୍ମକ ପୂଜା ଉପଲକ୍ଷେ ମନ୍ଦିର ଟ୍ରଷ୍ଟ, ପୂଜା କମିଟି ଓ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ନାୟକ,ସଂଯୋଜକ କମଳ ପଣ୍ଡା,ଗୋବର୍ଦ୍ଧନ ନାୟକ, ସରପଞ୍ଚ ଅଜୟ ନାୟକ,ପୂଜା କମିଟି ସଭାପତି ସି ଏଚ ଦୟାନନ୍ଦ ରେଡ୍ଡୀ, ସମ୍ପାଦକ ବିମଳ ପଣ୍ଡା, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ନାୟକ(ମହାରାଜ),ବରିଷ୍ଠ ପରାମର୍ଶ ଦାତା ତ୍ରିପତି ବାଲାଜୀ ମିଶ୍ର, ମନ୍ଦିର ମୁଖ୍ୟ ସ୍ଥପତି ପଣ୍ଡିତ ବିଜୟ ତ୍ରିପାଠୀ ଓ



ପୂଜା କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା ମା' ଙ୍କ ଷୋଡଶ ଦିନାତ୍ମକ ପୂଜା ଆସନ୍ତା ୧୪. ୦୯. ୨୦୨୫(ରବିବାର) ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇ ୨୯. ୦୯.୨୦୨୫ (ସୋମବାର) ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡଶ ଦିନାତ୍ମକ ପୂଜା ଚାଲିବ ।ପର୍ବ ସମୟରେ ଯେମିତି ସମସ୍ତ ପୂଜାପ୍ରଣାଳୀ ଶାସ୍ତ୍ରୀୟ ରୀତିନୀତି ରେ ସୁଚାରୁରୂପେ ପରିଚାଳନା କରାଯିବ ଏବଂ ପ୍ରଥମ ଦିନ ଅର୍ଥାତ ୧୪. ୦୯. ୨୦୨୫(ରବିବାର) ମୂଳାଷ୍ଟମୀ ଦିନ ସହସ୍ର କୁମ୍ଭବିଶେଖ ପାଇଁ ଅଞ୍ଚଳ ବାସିଙ୍କ ସହଯୋଗ ରେ ଏକ ବିରାଟ କଳସଯାତ୍ରା କରି ପବିତ୍ର ପୂନ୍ୟତୟା ଋଷିକୂଲ୍ୟାରୁ ଜଳଯାତ୍ରା ଆରମ୍ଭକରି ମାଆ। ମାନେ ମାଁ ରାମଚଣ୍ଡୀ ଙ୍କ ମନ୍ଦିରକୁ ଆସିବେ ସେହି ଜଳରେ ମାଁଙ୍କ ମହାସ୍ନାନ ହୋଇ ମାଁ ଙ୍କ ପୂଜା ଶୁଭାରମ୍ଭ କରାଯିବ । ଦୈନିକ ଶ୍ରୀଚଣ୍ଡୀପାଠ, ଚଣ୍ଡୀ ହବନ, ମହାପୂଜା,ବେଦ ପାଠ,ଭକ୍ତ ମାନଙ୍କ ମାନସିକ ପାଇଁ ଅଖଣ୍ଡ ଦୀପ ଯଜ୍ଞ, ଭକ୍ତ ମାନଙ୍କ ଦୈନିକ ପ୍ରସାଦ ସେବନ ପାଇଁ ସୁବ୍ୟବସ୍ଥା ଓ ଅନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ପାଇଁ ସର୍ବ ସହମତି କ୍ରମେ ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଯେହେତୁ ଏହି ପୂଜା ଦୈନିକ ମଧ୍ୟରାତ୍ର ରେ ସମ୍ପୂର୍ଣ୍ଣ ହୁଏ ଏବଂ ପ୍ରତ୍ୟେକ ଦିନ ଶତାଧିକ ଭକ୍ତମାନେ ଆସନ୍ତି ଏବଂ ତାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ ଭକ୍ତମାନଙ୍କ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ଷୋଡଶ ଦିନାତ୍ମକ ପୂଜା ସମୟରେ ପୋଲିସ ନିୟୋଜିତ କରିବା ପାଇଁ ଆମ କମିଟି ତରଫରୁ ଏକ ସ୍ୱତନ୍ତ୍ର ଦଳ ଜାଇ ଜିଲ୍ଲା ପ୍ରଶାସନ ଓ ଗଞ୍ଜାମ ଥାନା ଓ ଛତ୍ରପୁର ଥାନା IIC ଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଗଲା ।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ

ଯାଜପୁର,୭ ।୯ :(ମନ୍ଥନ)ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଯାଜପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ନାରାୟଣ ମହାଲିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ମହେଶ୍ୱର ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉକ୍ତ ସମରହୋରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଲେ ଆଜିର ଦିନଟି ଆମ ପାଇଁ ଅତ୍ୟନ୍ତ ଗୌରବ ଓ ଗର୍ବର ଦିନୟ ଶିକ୍ଷକ ଦିବସରେ, ଆମେ ସେହି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍ମରଣ କରୁଛୁ ଯେଉଁମାନେ ନିଜର ଜ୍ଞାନ, ପରିଶ୍ରମ ଓ ତ୍ୟାଗରେ ସମାଜର ଭବିଷ୍ୟତ ଗଢ଼ି ତୋଳୁଛନ୍ତି । ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକ ପଢ଼ାନ୍ତି ନାହିଁ, ସେମାନେ ଚରିତ୍ର, ସଦଗୁଣ, ନୀତି ଓ ଜୀବନମୂଲ୍ୟ ଦେଇ ମନୁଷ୍ୟଙ୍କୁ ସଠିକ୍ ପଥରେ ନେଇଯାନ୍ତି । ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ଦ୍ୱାରା କୃତୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଛି । ଏହି ସମ୍ମାନ କେବଳ ବ୍ୟକ୍ତିଗତ ସଫଳତାର ପ୍ରତୀକ ନୁହେଁ, ଏହା ଶିକ୍ଷା ପ୍ରତି ଆମର ସମ୍ପୃକ୍ତି, ସମର୍ପଣ ଓ ପ୍ରେମର ପ୍ରତିକ । ମୁଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷକ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ, ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ନବ ଉଦ୍ୟମ ଓ ପ୍ରେରଣାର ଶୁଭେଚ୍ଛା ଜଣାଉଛି । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ସୁରମା ମହାପାତ୍ର, ସବିତା ସାହୁ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ନିବେଦିତା ଗୁରୁ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସୁକିନ୍ଦା, ଦାନଗଦି ଓ କୋରେଇର ମଣ୍ଡଳ ଶିକ୍ଷାଧିକାରୀମାନେ ଯୋଗ ଦେଇ ସର୍ପଲ୍ଲୀ ରାଧାକ୍ରିଷ୍ଣଙ୍କୁ ମନେପକାଇବା ସହ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲାୟ ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀମାନେ ଏହା ସେମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ ।

# ପିପିଲିରେ ୟୁରିଆ ସାର ଅଭାବ, ଚାଷୀ ହନ୍ତସନ୍ତ

ପିପିଲି,୭ ।୯ :(ମନ୍ଥନ)ଖରିଫ ଋତୁ ଆରମ୍ଭରୁ ଅଭାବୀ ବର୍ଷା ପାଇଁ ଚାଷୀକୂଳ କୁ ଚିନ୍ତାରେ ପଡିଥିବା ବେଳେ ଗଡିଆ, ପୋଖରୀ, ଜୋର, ଲିଫ୍ଟ ପଏଣ୍ଟ ରୁ ପାଣି ବୋହି ଯେନ ତେନ ପ୍ରକାରେ ଚାଷୀ ଧାନ ରୋଇଥିଲା । ବର୍ତ୍ତମାନ ସାରର ଅଭାବୀ ବିକ୍ରି ଚାଷୀଙ୍କୁ ହନ୍ତସନ୍ତ କରିଛି ୟସାରର ଅଭାବ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ପିପିଲି ରେ ସାରର ଅଭାବ ସ୍ଥିତି ଦେଖା ଦେଇଥିବା ବେଳେ ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୂଳ ବଡ ସମସ୍ୟାରେ ସମ୍ମୁଖୀନ ହେଉଛି । ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତିୟ ରାଜ୍ୟ ସରକାର କୃଷକ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି ବୋଲି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଛନ୍ତି । ସେପଟେ ଚାଷୀ ରେଜିଷ୍ଟ୍ରେସନ ଠାରୁ ଧାନ ବିକ୍ରି ସହ ଧାନ ରୋଇବା ପର୍ଯ୍ୟନ୍ତ ଅନେକ ସମସ୍ୟାରେ ପଡିଛନ୍ତି ଚାଷୀ ।ମଣ୍ଡି ରେ କଟନୀ ଛଟନୀ ପରେ ଏବେ ଧାନ ଚାଷ ପାଇଁ ମିଳୁନି ସାର । ଯାହାକୁ ନେଇ ପୁରୀ ଜିଲ୍ଲା ପିପିଲି ରେ ଦେଖା ଦେଇଛି ଚାଷୀ ଅସନ୍ତୋଷ । ପିପିଲି, ମଙ୍ଗଳପୁର,ତେଇଶିପୁର, ସାତଶଂଖ ଆଦି



ଅଞ୍ଚଳ ରେ ଦେଖା ଦେଇଛି ୟୁରିଆ । ସାର ର ଅଭାବ । ଧାନ ରୋଇବା ପରେ ଏବେ ଧାନ ଗଛ ଗୁଡିକ ମୂଳ ଧରିବା ଆରମ୍ଭ ହେଉଥିବା ବେଳେ ଏବେ ଧାନ କ୍ଷେତରେ ୟୁରିଆ । ସାର ପକାଇବାର ଉପଯୁକ୍ତ ସମୟ ୟମାତ୍ର ସଠିକ ପରିମାଣ ର ସାର ମିଳୁ ନ ଥିବାରୁ ଧାନ ଗଛ ର ମୂଳ ଦୁର୍ବଳ ହେବା ସହ ଫସଲ ନଷ୍ଟ ହେବାରେ ଆଶଙ୍କା ରହିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଚାଷୀ ଙ୍କ କଥା କୁ ସମର୍ଥନ କରିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ । ଚଳିତ ବର୍ଷ ପିପିଲି ବ୍ଲକରେ ୧୦ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି । ଚାଷୀ ମାନଙ୍କ ମଧ୍ୟରୁ ଯିଏ ଯେଉଁଠାରୁ ପାଇଲା ବସ୍ତା ପ୍ରତି ତିନିଶହ ରୁ ସାତଶହ ଟଙ୍କା ପର୍ଯ୍ୟନ୍ତ ଦେଇ ୟୁରିଆ । ସାର ସଂଗ୍ରହ କରିଥିବାବେଳେ ଅଧିକାଂଶ ଚାଷୀ ସାର ବିହୁନେ ଚିନ୍ତାରେ ଅଛନ୍ତି ପୋଢ଼ଙ୍ଗ ଗ୍ରାମର ଚାଷୀ ଟୁଲୁ ଗୁରୁ , ନୂଆଗୋଡ଼ିଗ୍ରାମର ଅଜୟ ପ୍ରଧାନ, ବାବନ ପ୍ରଧାନ, ଲକ୍ଷ୍ମଣ ବେହେରା , ଅଭିଯୋଗ କରି ଆମେ ବ୍ୟାଗ ରେ ଆଧାର କାର୍ଡ ସାଇକେଲ ପଛରେ ଅଖା ଧରି ପିପିଲିରୁ ସାତଶଂଖ ପର୍ଯ୍ୟନ୍ତ ବୁଲିଲେ ସୁଧା ସାର ଦୋକାନରେ ୟୁରିଆ । ସାର ମିଳୁନଥିବା କହିଛନ୍ତି । ପୂର୍ବରୁ ଏମିତି କେବେ ୟୁରିଆ । ସାର ଅଭାବୀ ଦେଖିବାକୁ ମିଳିନଥିବା କହିଛନ୍ତି । ବର୍ତ୍ତମାନ ସରକାର ଚାଷୀ ଙ୍କ ସମସ୍ୟା କୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି । ଚାଷୀ ଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ନଦେଲେ ଆଗାମୀ ଦିନରେ ପିପିଲି ରେ ଏକ ବଡ଼ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କହିଛନ୍ତି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସାହୁ ।

# ସାମ୍ବାଦିକ ମାନଙ୍କ ସୁରକ୍ଷା କବଚ ପାଲଟିଛି ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ - ସନ୍ଦୀପ ମିଶ୍ର

ପାରାଦୀପ,୭ ।୯ :(ମନ୍ଥନ) ଆଜିର ସମାଜରେ ସାମ୍ବାଦିକ ଅନେକ ଘାତ ପ୍ରତିଘାତ ସହି ପରିବାର କୁ ପଛରେ ପକାଇ ଖବର ଲୋକ ଲୋଚନ କୁ ଆଣିଥାଏ । ସତ କିନ୍ତୁ ସାମ୍ବାଦିକ ଯେତେବେଳେ ବିପଦ ଜାଲରେ ଛନ୍ଦି ହୋଇ ଯାଏ କେହି ଆଡ଼ ଆଖିରେ ଦେଖନ୍ତି ନାହିଁ ଖାଲି ଏତିକି ନୁହଁ ଦୁର୍ଘଟଣା କିମ୍ବା କୌଣସି ଗୁରୁତର ଅସୁସ୍ଥତା ସମୟରେ ସାମ୍ବାଦିକ ଟିଏ ଯେଉଁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି କେହି ଚୁ ଚୁ ପଦେ କହନ୍ତି ନାହିଁ । ଏ ସବୁ ସମସ୍ୟା ର ସମାଧାନ ଦିଗରେ ଗଠନ ହୋଇଥିବା ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ର ଦ୍ୱିତୀୟ ବାର୍ଷିକ ଉତ୍ସବ ପାରାଦ୍ୱୀପ ଜୟଦେବ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛିୟ ଟ୍ରଷ୍ଟ ର ଅଧକ୍ଷ ଅରୁଣ କୁମାର ଓଝା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର ଯୋଗ ଦେଇ ଆଜିର ସମାଜ ରେ ସାମ୍ବାଦିକ ସୁରକ୍ଷା ଦିଗରେ ଆଲୋକପାତ କରିବାସହ ସାମ୍ବାଦିକ ର ଭୂମିକା ଉପରେ ଆଲୋକପାତ କରିଥିଲେ । ସବୁ କ୍ଷେତ୍ରରେ ଆଜି ସାମ୍ବାଦିକ ଅବହେଳିତ ନିଷ୍ପେସିତ ହୋଇ ଚାଲୁ ଥିଲାବେଳେ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ସାମ୍ବାଦିକ ମାନଙ୍କ ପାଇଁ ଅବଦାନ ଓ ବିଧିବଦ୍ଧ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିବାସହ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ସାମ୍ବାଦିକ ମାନଙ୍କ ସୁରକ୍ଷା କବଚ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ ଯୋଗ ଦେଇ ଖବର ସଂଗ୍ରହ ସମୟରେ ସାମ୍ବାଦିକ ମାନେ ଅନେକ ଘାତ ପ୍ରତିଘାତ କୁ ସାମ୍ନା କରି ଜୀବନକୁ ବାଜି ଲଗାଇ ଲୋକ ଲୋଚନକୁ ଖବର ଆଣୁଥିଲେବି ନିଜେ ଆଉ ନିଜ ପରିବାର ପ୍ରତି ଘଟୁଥିବା ସମସ୍ୟାର ସମାଧାନ ପାଇଁ କେହି ଚୁ ଚୁ ପଦେ କହିବା ତ ଦୂରର କଥା ଆଡ଼ ଆଖିରେ କେହି ନ ଦେଖିବା ବଡ଼ ଦୁଃଖ ଓ ପରିତାପର ବିଷୟ ବୋଲି କହିଥିଲେ । ବିଚରା ସାମ୍ବାଦିକ ଟେ ମାନସିକ, ଶାରୀରିକ ଯନ୍ତ୍ରଣା ଜାଲରେ କିପରି ଛଟ ପଟ ହେଉଥାଏ ଅନୁଭବୀ ହିଁ ଅନୁଭବ କଥା କହି ପାରିବ ହେଲେ ଉକ୍ତ ଟ୍ରଷ୍ଟ ର ଏପରି ମହତ ଆଉ ଉଚ୍ଚକୋଟୀର କାର୍ଯ୍ୟକୁ ଶ୍ରୀ ତ୍ରିପାଠୀ ଭୂୟସୀ ପ୍ରଶଂସା କରିବାସହ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ର ମୁଖ୍ୟ ପରାମର୍ଶଦାତା ଗଗନ ବିହାରୀ ସାହୁ, ଆଇନ୍ ପରାମର୍ଶଦାତା କୈଳାସ ଚନ୍ଦ୍ର ସାହୁ ଟ୍ରଷ୍ଟ ର ନିରପେକ୍ଷ ଓ ସାମ୍ବାଦିକ ଙ୍କ ଇନ୍ସୁରାନ୍ସ ଉପରେ ଆଲୋଚନା କରି ଗଣତନ୍ତ୍ର ରେ ଗଣ ମାଧ୍ୟମର ଭୂମିକା କିପରି ରହିବା ଦରକାର ବୁଝାଇ କହିଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଟ୍ରଷ୍ଟ ର ମୁଖପତ୍ର ପରାଶର ଉନ୍ମୋଚନ କରାଯାଇଥିଲା । ପରେ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ କରାଯାଇଥିବି ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ରେ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ସହିତ ପାରମ୍ପରିକ ନୃତ୍ୟ ରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଡଃ ବିଦ୍ୟୁତ କୁମାରୀ ଚୌଧୁରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।



# ଆମାଜନ୍ ଇଣ୍ଡିଆ ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମର ଶୁଭାରମ୍ଭ

ଭୁବନେଶ୍ୱର,୭।୯ (ନି.ପ୍ର) : ଆମାଜନ୍ ଇଣ୍ଡିଆ ପକ୍ଷରୁ ଏହାର ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ୍ (ଟିଆଇପି)ର ଘୋଷଣା କରାଯାଇଛି। ଏହି ପ୍ରୋଗ୍ରାମ ମାଧ୍ୟମରେ, ଆମାଜନ୍ ସମସ୍ତ ଆକାରର କଂଟେଂଟ କ୍ରିଏଟରମାନଙ୍କୁ ସ୍ମାର୍ଟଫୋନ୍, ଲାପଟପ୍, କ୍ୟାମେରା ଏବଂ ଅନ୍ୟାନ୍ୟ ଉତ୍ପାଦ ପାଇଁ ଗ୍ରାହକମାନଙ୍କୁ କ୍ରୟ କରିବାରେ ସାହାଯ୍ୟ କରୁଥିବା କଂଟେଟ ସୃଷ୍ଟି କରିବା ପାଇଁ ଉପକରଣ ଏବଂ ସମ୍ବଳ ପ୍ରଦାନ କରିବ। ନୂଆଦିଲ୍ଲୀରେ ଆମାଜନ୍ ବେଷ୍ଟ ଇନ୍ ଟେକ୍ ପୁରସ୍କାରରେ ଘୋଷଣା କରାଯାଇଥିବା ଏହି ପ୍ରୋଗ୍ରାମ୍ କ୍ରିଏଟରମାନଙ୍କୁ ସେମାନଙ୍କର କଂଟେଂଟ ମନେଟାଇଜ୍ କରିବାରେ ସାହାଯ୍ୟ କରିବ ଏବଂ ସେମାନଙ୍କ ଫଲୋଅରମାନଙ୍କ ପାଇଁ ସପିଂକୁ ସରଳ କରିବ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର କ୍ରିଏଟର୍ ପ୍ରୋଗ୍ରାମର ମୁଖ୍ୟ ନିଧି ଠକ୍କର କହିଛନ୍ତି, 'ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ୍ ସହିତ, ଆମେ ଗ୍ରାହକମାନଙ୍କୁ ଅଧିକ ସୂଚନାପ୍ରଦ କ୍ରୟ ନିଷ୍ପତି ନେବାରେ ସାହାଯ୍ୟ କରିବା ଏବଂ ଏକ ସୁଗମ ସପିଂ ଅଭିଜ୍ଞତା ସୁନିଶ୍ଚିତ କରିବା ସହିତ କ୍ରିଏଟରମାନଙ୍କୁ ସଫଳ ହେବା ପାଇଁ ସଶକ୍ତ କରିବା ପାଇଁ ଆମର ଦୃଷ୍ଟିକୋଣକୁ ଦ୍ୱିଗୁଣିତ କରୁଛୁ।' ଗ୍ରାହକ ଏବଂ କଂଟେଂଟ କ୍ରିଏଟରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ, ଆମାଜନ୍ ର ଇନ୍ଫ୍ଲୁଏନ୍ସର ପ୍ରୋଗ୍ରାମ ରେ ବର୍ତମାନ ୧ ଲକ୍ଷରୁ ଅଧିକ କ୍ରିଏଟର ଅଛନ୍ତି ଯେଉଁମାନେ ପ୍ରଯୁକ୍ତିବିଦ୍ୟା, ଫ୍ୟାଶନ୍, ଜୀବନଶୈଳୀ, ଅଭିଭାବକତ୍ୱ, ଫିଟନେସ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ଏହି କାର୍ଯ୍ୟକ୍ରମ କ୍ରିଏଟରମାନଙ୍କୁ ଏଡିଟୋରିଆଲ୍ ସ୍ୱାଧୀନତା ସହିତ ଉପଯୁକ୍ତ ଆଫିଲିଏଟ୍ ବିଷୟବସ୍ତୁ ପ୍ରସ୍ତୁତ କରି ସେମାନଙ୍କର ସୃଜନଶୀଳ ଦୃଷ୍ଟିକୋଣକୁ ଅନୁସରଣ କରିବାକୁ ସକ୍ଷମ କରିଥାଏ, ସେମାନଙ୍କ ଦର୍ଶକଙ୍କ ସହିତ ପ୍ରାମାଣିକ ସମ୍ପର୍କକୁ ପ୍ରୋତ୍ସାହିତ କରିଥାଏ।

ଆମାଜନ୍ ର ଟିପ୍ ଟେକ୍ କ୍ରିଏଟରମାନଙ୍କୁ ଉତ୍ପାଦ ଲଂଚ ଏବଂ ଡିଲ୍ ପାଇଁ ଶୀଘ୍ର ପ୍ରବେଶ ସହିତ ସଶକ୍ତ କରିଥାଏ, ଯାହା ସମୟାନୁସାରେ ବିଷୟବସ୍ତୁ ସୃଷ୍ଟିକୁ ସକ୍ଷମ କରିଥାଏ। କ୍ରିଏଟରମାନେ ବ୍ରାଣ୍ଡ ଡିଲ୍ ଏବଂ ମନେଟାଇଜ୍ ସୁଯୋଗ, ଉନ୍ନତ କର୍ମଶାଳା, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ସାଥୀ, ବ୍ରାଣ୍ଡ ଏବଂ ଆମାଜନ୍ ଲିଡର ମାନଙ୍କ ସହିତ ନେଟୱାର୍କିଂ ଉପଭୋଗ କରନ୍ତି। ଅତୁଳନୀୟ ସମ୍ବଳ ଏବଂ ସୁଯୋଗ ସହିତ କ୍ରିଏଟରମାନଙ୍କୁ ସଶକ୍ତ କରି, ଟିପ୍ ଭାରତର ଟେକ୍ କ୍ରିଏଟର୍ ଅର୍ଥନୀତି ପାଇଁ ଏକ ଶକ୍ତିଶାଳୀ ଲଂଚପ୍ୟାଡ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ଆମାଜନ୍ ଭାରତରେ କ୍ରିଏଟର ନେଟୱାର୍କରେ ଆମାଜନ୍ ଲାଇଭ୍, ଆମାଜନ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ, କ୍ରିଏଟର ସେଂଟ୍ରାଲ, କ୍ରିଏଟର ୟୁନିଭର୍ସିଟି, ଏଲିଭେଟ୍ ଏବଂ କ୍ରିଏଟର କନେକ୍ଟ ଭଳି କାର୍ଯ୍ୟକ୍ରମ ସହିତ ନିବେଶ ଜାରି ରଖିଛି ଯାହା ଇନଫ୍ଲୁଏନ୍ସରମାନଙ୍କୁ ଶିଖିବା, ନିୟୋଜିତ ହେବା ଏବଂ ବୃଦ୍ଧି ପାଇବା ପାଇଁ ଏକ ମାଧ୍ୟମ ପ୍ରଦାନ କରେ।

# ୧୧ହଜାରରୁ ଅଧିକ ଲୋକଙ୍କ ଜୀବନ ପରିବର୍ତ୍ତନ କରିଛି ଦି ସିକିଅର

ଭୁବନେଶ୍ୱର,୭।୯ (ନି.ପ୍ର) : ଅକ୍ଷିତା ପାଚୌରିଙ୍କ ଦ୍ୱାରା ସ୍ଥାପିତ ଏକ ସାମଗ୍ରିକ ଚିକିତ୍ସା ଓ ଆଧ୍ୟାତ୍ମିକ ସଶକ୍ତିକରଣ ପ୍ଲାଟଫର୍ମ ଦି ସିକିଅର୍ ଗର୍ବର ସହିତ ପରିବର୍ତନ ଓ ପ୍ରଭାବର ୮ ବର୍ଷ ପୂର୍ତି ପାଳନ କରିଛି। ଏହି ପ୍ଲାଟଫର୍ମ ବିଶ୍ୱବ୍ୟାପୀ ୧୧,୦୦୦ରୁ ଅଧିକ ଲୋକଙ୍କ ଜୀବନରେ ପରିବର୍ତନ ଆଣିଛି। ଦି ସିକିଅର ଲୋକମାନଙ୍କୁ ପ୍ରତିବନ୍ଧକକୁ ଭାଙ୍ଗିବା, ଭାବନାତ୍ମକ ଓ ଆର୍ଥିକ ବାଧାରୁ ମୁକ୍ତ ହେବା ଏବଂ ସନ୍ତୁଳନ ଓ ପରିପୂର୍ଣ୍ଣ ଜୀବନକୁ ଗ୍ରହଣ କରିବାରେ ସାହାଯ୍ୟ କରିବା ଲାଗି ଜ୍ୟୋତିଷ ଶାସ୍ତ୍ର, ସଂଖ୍ୟା ଜ୍ଞାନ, ଲାଇଫ କୋଚିଙ୍ଗ ଓ ଚିକିତ୍ସା ପଦ୍ଧତିଗୁଡିକୁ ଏକତ୍ରିତ କରିଆସୁଛି।

ଏସମ୍ପର୍କରେ ଦି ସିକିଅରର ପ୍ରତିଷ୍ଠାତା ଅକ୍ଷିତା ପାଚୌରି କହିଛନ୍ତି, "୮ ବର୍ଷ ପୂର୍ବେ ମୁଁ ଲୋକମାନଙ୍କୁ ସେମାନଙ୍କର ଅତୀତରୁ ମୁକ୍ତ ହେବା ଏବଂ ନିଜର ପ୍ରକୃତ



ମୂଲ୍ୟବୋଧ ସହ ଜଡିତ ହେବାରେ ସାହାଯ୍ୟ କରିବା ପାଇଁ ଏକ ସରଳ ଲକ୍ଷ୍ୟ ସହ ଦ ସିକିଅର୍‌ର ଆରମ୍ଭ କରିଥିଲି। ଆଜି ମୁଁ ଯେଉଁ ୧୧୦୦୦ରୁ ଅଧିକ ଲୋକଙ୍କ ଜୀବନର ଅଂଶ ହୋଇପାରିଛି ସେଥିପାଇଁ ମୁଁ ଗଭୀର ଭାବେ କୃତଜ୍ଞ। ଆରୋଗ୍ୟ କେବଳ ଆପଣଙ୍କ ବ୍ୟକ୍ତିତ୍ୱକୁ ପରିବର୍ତନ କରିବା ସମ୍ପର୍କିତ ନୁହେଁ, ବରଂ ନିଜର ଆଭ୍ୟନ୍ତରୀଣ ଶକ୍ତିକୁ ପୁନଃଆବିଷ୍କାର କରିବା। ଏହି ସେଲିବ୍ରେଶନ କେବଳ ମୋର ନୁହେଁ, ଏହା ନିଜର ପରିବର୍ତନ ସହ ମୋତେ ବିଶ୍ୱାସ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅଟେ।"

୧୧,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରି ଅକ୍ଷିତା ପାଚୌରି ଆଧ୍ୟାତ୍ମିକ ସଶକ୍ତିକରଣ ଓ ଆଧୁନିକ ଆରୋଗ୍ୟ ପଦ୍ଧତିରେ ଜଣେ ଉଦୀୟମାନ ସ୍ୱର ଭାବେ ନିଜକୁ ସ୍ଥାପିତ କରିଛନ୍ତି। ଜଣେ ସାର୍ଟିଫାଏଡ ହିଲର, ଆଷ୍ଟ୍ରୋଲୋଜର ଓ ନ୍ୟୁମେରୋଲୋଜିଷ୍ଟ ଭାବେ ଅକ୍ଷିତା ପାଚୌରି ବିଶ୍ୱାସ କରନ୍ତି ଯେ, ଦୀର୍ଘସ୍ଥାୟୀ ପରିବର୍ତନ କେବଳ ବାହ୍ୟ ପରିବର୍ତନରୁ ଆସିନଥାଏ, ବରଂ ପୁରୁଣା କ୍ଷତରୁ ଆରୋଗ୍ୟ ହେବା ଓ ଜଣେ ବ୍ୟକ୍ତିଙ୍କର ବର୍ତମାନର ବାସ୍ତବତା ସହ ପୁନଃଜଡିତ ହେବା ଦ୍ୱାରା ଆସିଥାଏ। ତାଙ୍କର ସେଶନ ଓ ୱର୍କସପଗୁଡିକୁ ଲୋକମାନଙ୍କୁ ଭାବନାତ୍ମକ ଓ ଆର୍ଥିକ ବାଧାରୁ ମୁକ୍ତ କରିବା, ସନ୍ତୁଳନ ହାସଲ କରିବା ଓ ପରିପୂର୍ଣ୍ଣ ସମ୍ପର୍କ ପାଇଁ ଆଗ୍ରହ ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି।

# ସେମିକଣ୍ଡକ୍ଟରର ଇକୋସିଷ୍ଟମ ଅଭିବୃଦ୍ଧିକୁ ଦ୍ରୁତ ଗତିରେ ପହଞ୍ଚାଇବା ଲକ୍ଷ୍ୟ ସହିତ ସେମିକନ୍‌ସ୍ପ ଇଣ୍ଡିଆ ଉଦ୍‌ଯାପିତ

ନୂଆଦିଲ୍ଲୀ,୭।୯ : ସେମିକନ୍‌ସ ଇଣ୍ଡିଆ ୨୦୨୫ ନୂଆଦିଲ୍ଲୀର ଯଶୋଭୂମିରେ ଏହାର ତିନି ଦିନିଆ ମହାସମାରୋହ ସଫଳତାର ସହ ସମାପ୍ତ କରିଛି, ଯାହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଏକ ଅତୁଳନୀୟ ଛାପ ଛାଡିଛି। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା 'ସେହି ଦିନ ଦୂର ନୁହେଁ ଯେତେବେଳେ ଭାରତରେ ନିର୍ମିତ ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତନ ଆଣିବ' ଏକ ଦୂରଦୃଷ୍ଟିପୂର୍ଣ୍ଣ ବିବୃତି ସହିତ ଏକ ଉଚ୍ଚମାନର ନୋଟରେ ଆରମ୍ଭ ହୋଇଥିବା ଏହି ମାଇଲଖୁଂଟ କାର୍ଯ୍ୟକ୍ରମ ଶିଳ୍ପ ଚିନ୍ତାଧାରା ନେତାମାନଙ୍କୁ ନେଇ ଏକ ଚମତ୍କାର ଅଧିବେଶନ ପ୍ରଦର୍ଶନ କରିଥିଲା, ଯାହା ପରିଦର୍ଶକ, ଷ୍ଟାର୍ଟଅପ୍, ନବସୃଜନକାରୀ, ନିବେଶକ, ଶିକ୍ଷାବିତ୍ ଏବଂ ଛାତ୍ରମାନଙ୍କ ଦ୍ୱାରା ବହୁ ମାତ୍ରା ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଜିତିନ୍ ପ୍ରସାଦ ଦୁଇଟି ଗସ୍ତ କରିଥିଲେ, ଯେଉଁମାନେ ଶିଳ୍ପ ନେତା, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ, ଯାହା ଭାରତର ସେମିକଣ୍ଡକ୍ଟରର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା। ୨୦,୦୦୦ରୁ ଅଧିକ ପରିଦର୍ଶକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଯାହା ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମରେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନର




ଦୃଢ଼ ଆଗ୍ରହ ଏବଂ ସମ୍ପୃକ୍ତିକୁ ପ୍ରଦର୍ଶନ କରିଥିଲା। ଡିଜାଇନ୍ ଲିଙ୍କ୍ଡ ଇନସେଂଟିଭ୍ ଯୋଜନା ଅଧୀନରେ ୨୩ଟି ଚିପ୍ ଡିଜାଇନ୍ ପ୍ରକଳ୍ପର ଅନୁମୋଦିତ ତାଲିକାରୁ ୫ ଟି ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ, ଯାହା ସେମିକଣ୍ଡକ୍ଟର ଚିପ୍ ଡିଜାଇନ୍ ରେ ଭାରତର ବର୍ଦ୍ଧିତ ଦକ୍ଷତା ଏବଂ ଆତ୍ମନିର୍ଭରଶୀଳତାକୁ ଉଜ୍ଜ୍ୱଳ କରିଥିଲା। ଏମଇଆଇଟିୱାଇ ର ଅତିରିକ୍ତ ସଚିବ ଏବଂ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନର ସିଇଓ ଅମିତେଶ କୁମାର ସିହ୍ନା କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଇଏମଏସ ଆସେମ୍ବଲିର ଖେଳ ସହିତ ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ଯାତ୍ରା ଆରମ୍ଭ ହୋଇଥିଲା, ପ୍ରଥମେ ଏସକେଡି ଏବଂ ପରେ ସିକେଡି। ମୂଲ୍ୟ ଶୃଙ୍ଖଳାକୁ ଆହୁରି ଗଭୀର କରିବା ପାଇଁ, ଏମଇଆଇଟିୱାଇ ପୂର୍ବରୁ ଏସପିଇସିଏସ ପ୍ରଚଳନ କରିଥିଲେ ଏବଂ ବର୍ତମାନ ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ପାଇଁ ଇସିଏମଏସ୍ ଯୋଜନା ଆରମ୍ଭ କରିଛନ୍ତି।

# ଭିନ୍‌ଫାଷ୍ଟ୍ ପକ୍ଷରୁ ମେଡ୍ ଇନ୍ ଇଣ୍ଡିଆ ପ୍ରିମିୟମ୍ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଭିଏଫ୍ ୬ ଓ ଭିଏଫ୍ ୭ର ଉନ୍ମୋଚନ

ଭୁବନେଶ୍ୱର,୭।୯ (ନି.ପ୍ର) : ଭିନ୍‌ଫାଷ୍ଟ୍ ପକ୍ଷରୁ ଭାରତରେ ଆନୁଷ୍ଠାନିକ ଭାବେ ଏହାର ବହୁ ପ୍ରତିକ୍ଷୀତ ପ୍ରିମିୟମ୍ ଇଲେକ୍ଟ୍ରିକ୍ ଏସ୍‌ୟୁଭି ସ୍ଲିକ୍ ଓ ସ୍ମାର୍ଟ ଭିଏଫ୍ ୬ ଓ ସ୍ପୋର୍ଟି ତଥା ସମ୍ଭ୍ରାନ୍ତ ଭିଏଫ୍ ୭କୁ ଉନ୍ମୋଚନ କରାଯାଇଛି। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇଭି ବଜାରରେ ଭିନ୍‌ଫାଷ୍ଟର ଏହା ପ୍ରଥମ ମଡେଲ୍ ଯାହା ଦେଶର ସ୍ଥାୟୀ, ସବୁଜ ଗମନାଗମନରେ ହେଉଥିବା ପରିବର୍ତନକୁ ସମର୍ଥନ କରିବା ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରଦର୍ଶନ, ସ୍ଥିରତା ଓ ପ୍ରଯୁକ୍ତି ପାଇଁ ଭାରତୀୟ ଗ୍ରାହକମାନେ ଇଭିକୁ ଗ୍ରହଣ କରୁଥିବା ବେଳେ ଭିନ୍‌ଫାଷ୍ଟ୍ ଭିଏଫ୍ ୬ ଓ ଭିଏଫ୍ ୭ ସହ ଏଥିରେ ପ୍ରବେଶ କରିଛି। ରେଂଜ୍ ଓ ଆରାମଠାରୁ ଅତ୍ୟାଧୁନିକ ସୁରକ୍ଷା ଓ ସୁବିଧାସୁଯୋଗ ସହିତ ଏହି ମଡେଲ୍‌ଗୁଡ଼ିକୁ ପ୍ରିମିୟମ୍ ଇଭି ମାଲିକାନା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଏହି ଶୁଭାରମ୍ଭ ସହିତ ଭିନଫାଷ୍ଟ୍ ଦୃଢ଼ ସ୍ଥାନୀୟ ଉପସ୍ଥିତି ସହ ନିଜକୁ ଏହି ରୂପାନ୍ତରଣ ପରିବର୍ତନରେ ଅଗ୍ରଣୀ ଭାବେ ଉପସ୍ଥାପିତ କରିବାକୁ ଚାହୁଁଛି। ଏହି




ଶୁଭାରମ୍ଭ ଅବସରରେ ଭିନ୍‌ଫାଷ୍ଟ ଏସିଆର ସିଇଓ ଶ୍ରୀ ଫାମ ସାନ ଚାଉ କହିଛନ୍ତି ଯେ, "ଆଜିର ଦିନଟି ହେଉଛି ଏକ ଐତିହାସିକ ମାଇଲଖୁଂଟ। ଶୁଭାରମ୍ଭ ହୋଇଥିବା କାର୍ କେବଳ ମେଡ୍ ଇନ୍ ଇଣ୍ଡିଆ ନୁହେଁ, ବରଂ ଭାରତୀୟଙ୍କ ପାଇଁ ଭାରତୀୟମାନେ ପ୍ରସ୍ତୁତ କରିଛନ୍ତି। ଭାରତୀୟ ପରିବାରଗୁଡ଼ିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଥିବା ଏକ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ଗମନାଗମନ ବ୍ୟବସ୍ଥାକୁ ଆମେ ଉପସ୍ଥାପନ କରିଛୁ। ଭିଏଫ୍ ୬ ଓ ଭିଏଫ୍ ୭ ହେଉଛି ପ୍ରାକ୍ଟିକାଲ୍ ଡିଜାଇନ୍, ପ୍ରିମିୟମ୍ ମାନ ଓ ଅତ୍ୟାଧୁନିକ ପ୍ରଯୁକ୍ତିର ଉପଯୁକ୍ତ ସମିଶ୍ରଣ ଯାହା ଭାରତୀୟ ଗ୍ରାହକମାନେ ପାଇବାକୁ ଅଭିଳାଷ ରଖିଛନ୍ତି। ଅତ୍ୟାଧୁନିକ ଥୁଥୁକୁଡି କାରଖାନା ଏବଂ ଦୃଢ଼ ବ୍ୟବସ୍ଥା ସହଯୋଗିତା ସହିତ ଇଲେକ୍ଟ୍ରିକ୍ ଗମନାଗମନରେ ଅଗ୍ରଣୀ ହେବା ପାଇଁ ଭାରତର ରହିଥିବା ଅଭିଯାନକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।'' ଭିଏଫ୍ ୬ ପ୍ରିମିୟମ୍ ଏସ୍‌ୟୁଭିରେ ୫୯.୬ କେଡବ୍ଲ୍ୟୁଏଚ୍‌ର ବ୍ୟାଟେରି ପ୍ୟାକ୍ ରହିତ ୨୫ ମିନିଟ୍‌ରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ ହେଉଥିବା ଫାଷ୍ଟ୍ ଚାର୍ଜର ରହିଛି। ଏହାର ଏଆର୍‌ଏଆଇ ମାନ୍ୟତାପ୍ରାପ୍ତ ମାଇଲେଜ୍ ୪୬୮ କିମି ପର୍ଯ୍ୟନ୍ତ ରହିଛି। ଏଥିରେ ୨୭୩୦ ଏମ୍‌ଏମ୍ ହ୍ୱିଲ୍‌ବେସ୍ ଓ ୧୯୦ ଏମଏମ୍ ଗ୍ରାଉଣ୍ଡ କ୍ଲିୟରାନ୍ସ ରହିଛି। ଏହା ଦୁଇଟି ଟ୍ରିମ୍ ଆଭ୍ୟନ୍ତରୀଣ ରଙ୍ଗ ଏବଂ ଆର୍ଥ, ୱିଣ୍ଡ ଓ ୱିଣ୍ଡ ଇନଫିନିଟି ଭଳି ତିନିଟି ଭାରିଆଂଟ୍‌ରେ ଉପଲବ୍ଧ ହୋଇଛି। ଏହି ଏସ୍‌ୟୁଭିରେ ଅଟୋ ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଅକୋଷ୍ଟିକ୍ ୱିଣ୍ଡ୍‌ସିଲ୍ଡ ଓ ଗ୍ଲାସ୍ ରୁଫ୍, ରିଭର୍ସ ଲିଙ୍କ, ଓଆରଭିଏମ୍, ଚାବି ବିହୀନ ପ୍ରବେଶ, ପାୱାର ଆଡଜଷ୍ଟ ହୋଇପାରୁଥିବା ଡ୍ରାଇଭର ସିଟ୍, ଅଟୋ ଏସି, ସବୁ ଝରକା ସ୍ୱୟଂକ୍ରିୟ ଭାବେ ତଳ ଉପର ହେବା, ଏବିଏସ, ଇବିଡି, ସମସ୍ତ ଡିସ୍କବ୍ରେକ୍, ବର୍ଷର ଅନୁମାନ ଲଗାଇପାରୁଥିବା ୱାଇପର୍, ୭ ଏୟାରବ୍ୟାଗ୍, କ୍ରୁଜ କଂଟ୍ରୋଲ, ୧୨.୯ ଇଂଚ୍ ଇନ୍‌ଫୋଟେନ୍‌ମେଂଟ୍ ବ୍ୟବସ୍ଥା, ୬ ସ୍ପିକର୍ ଆଦି ସୁବିଧା ରହିଛି।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ତମାଣ୍ଡୋ ଓ କେସୁରା ବାଏପାସ୍ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୭।୯ (ନି.ପ୍ର) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ତମାଣ୍ଡୋ ଓ କେସୁରା ବାଏପାସ୍ ଶାଖା ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେ କୃଷ୍ଣ ଦାସ ଉଭୟ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ତମାଣ୍ଡୋ ଶାଖାର ଶାଖା ମୁଖ୍ୟ ଜଗନ୍ନାଥ ସାହୁ ଏବଂ କେସୁରା ବାଏପାସ୍ ଶାଖାର ଶାଖା ମୁଖ୍ୟ ବିଷ୍ଣୁପ୍ରିୟା ନାୟକଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ନୂତନ ତମାଣ୍ଡୋ ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୨ ତମ ଶାଖା ହୋଇଥିବା ବେଳେ କେସୁରା ବାଏପାସ୍ ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୩ ତମ ଶାଖା ଅଟେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତମାଣ୍ଡୋ ଓ କେସୁରା ବାଏପାସ୍ ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ହରେ କୃଷ୍ଣ ଦାସ ସୂଚନା ଦେଇଥିଲେ।



# ବିଓବି ପକ୍ଷରୁ ବଲାଙ୍ଗିରଠାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ଅନୁଷ୍ଠିତ

କଟକ,୭।୯: ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବଲାଙ୍ଗିର ଜିଲ୍ଲାର ମୁଡିଆପାଲ ଗ୍ରାମ ପଞ୍ଚାୟତ ଏବଂ ପାଟନାଗଡଠାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ଅନ୍ତର୍ଗତ ମେଗା ଶିବିର ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ ମହାନ୍ତି ଏବଂ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୧ ଜୁଲାଇରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ସାରା ଦେଶରେ ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାମାଜିକ ସୁରକ୍ଷା ଯୋଜନାକୁ ପ୍ରୋତ୍ସାହିତ



କରିବା। ଏହି କାର୍ଯ୍ୟକ୍ରମରେ ଉଭୟ ସ୍ଥାନର ୬୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ଯାହା ଗ୍ରାମାଞ୍ଚଳରେ ଆର୍ଥିକ ସାକ୍ଷରତା ଏବଂ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବାର ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦର୍ଶାଇଥିଲା। ଏହି ଅବସରରେ ପାଟନାଗଡ ବାଥର୍ଲା ଗ୍ରାମ ପଞ୍ଚାୟତର ସରପଞ୍ଚ କବିତାଞ୍ଜଳି ସାହୁ, ମାଢ଼ିଆପାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁକୁର ମହାନନ୍ଦ, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ସରକାରୀ ବିଭାଗର ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମାଜର ପ୍ରତ୍ୟେକ ବର୍ଗକୁ ସଶକ୍ତ କରିବା ସହ ବିକାଶକୁ ସୁନିଶ୍ଚିତ କରିଥାଏ ବୋଲି ଶ୍ରୀ ଚାନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟାଙ୍କ ସେବାରୁ ବଞ୍ଚିତ ବ୍ୟକ୍ତିମାନଙ୍କର ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନା ଅଧିନରେ ନୂତନ ଆକାଉଣ୍ଟ ଖୋଲିବା ଏବଂ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନ୍‌ସନ ଯୋଜନା ଆଦିରେ ପଞ୍ଜିକରଣ କରାଯାଇଥିଲା। ଏଥି ସହିତ ନିଷ୍କ୍ରିୟ ଆକାଉଣ୍ଟଗୁଡିକରେ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା (ରି-କେୱାଇସି ) କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଥିଲା।

# ମଣିପାଲ ହସ୍ପିଟାଲରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ

ଭୁବନେଶ୍ୱର,୭।୯ (ନି.ପ୍ର) : ମଣିପାଲ ହସ୍ପିଟାଲ ଭୁବନେଶ୍ୱରଠାରେ ବିଶ୍ୱ ଫିଜିଓଥେରାପି ଦିବସ ପାଳନ କରାଯାଇଛି । ଚଳିତ ବର୍ଷର ଥିମ୍ ରହିଛି ସ୍ୱାସ୍ଥ୍ୟକର ବୟସ୍କ । ଏହି ଥିମ୍‌ରେ ବୃଦ୍ଧାବସ୍ଥାରେ ଶକ୍ତି, ସନ୍ତୁଳନ ଓ ଗତିଶୀଳତା ବୃଦ୍ଧିରେ ଫିଜିଓଥେରାପିର ଗୁରୁତ୍ୱକୁ ନେଇ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଣ୍ଟିନ୍ୟୁଆସ୍ ଫିଜିଓଥେରାପି ଏଡ୍ୟୁକେସନ (ସିପିଇ) ୭.୦ ସିରିଜ୍‌ର ସପ୍ତମ ସଂସ୍କରଣ ଆୟୋଜିତ ହୋଇଥିଲା, ଯେଉଁଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୦୦ରୁ ଅଧିକ ଫିଜିଓଥେରାପି ବିଶେଷଜ୍ଞ ଯୋଗଦେଇଥିଲେ ।



ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖକୁ ବିଶ୍ୱ ଫିଜିଓଥେରାପି ଦିବସ ଭାବରେ ପାଳନ କରାଯାଏ । ଏହି ବର୍ଷ ମଣିପାଲ ହସ୍ପିଟାଲରେ ସ୍ୱାସ୍ଥ୍ୟକର ବୟସ ବୃଦ୍ଧାବସ୍ଥାରେ ଫିଜିଓଥେରାପି କିପରି ଦୁର୍ବଳତା ଓ ଯନ୍ତ୍ରଣାକୁ ରୋକିଥାଏ ଏବଂ ଶକ୍ତି ସନ୍ତୁଳନ ଓ ଗତିଶୀଳତାକୁ ବୃଦ୍ଧି କରେ, ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମଟି ସକ୍ରିୟ ଶାରୀରିକ କାର୍ଯ୍ୟକଳାପ ଓ ପୁନର୍ବାସନ ନୀତି ବିଷୟରେ ସଚେତନତା ସୃଷ୍ଟି ପାଇଁ ଏକ କାର୍ଯ୍ୟକ୍ରମରେ ଯାହା ଲୋକମାନଙ୍କୁ ବୟସ ବୃଦ୍ଧି ସହିତ ସକ୍ରିୟ, ସ୍ୱାଧୀନ ଓ ଯନ୍ତ୍ରଣା ମୁକ୍ତ ରହିବାରେ ସାହାଯ୍ୟ କରେ । ଭାରତରେ ବୃଦ୍ଧାବସ୍ଥାର ଜନସଂଖ୍ୟା ନିରନ୍ତର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହି ସନ୍ଦେଶ ଡାକ୍ତରମାନେ ଅଂଶଗ୍ରାହୀମାନଙ୍କ ମଧ୍ୟରେ ଗଭୀର ପ୍ରଭାବ ପକାଇଲା । ଏହି କାର୍ଯ୍ୟକ୍ରମଟି ପାରମ୍ପରିକ ଦୀପ ପ୍ରଜ୍ୱଳନ ଅନୁଷ୍ଠାନ ସହିତ ଉଦ୍‌ଘାଟିତ ହେଲା, ଯେଉଁଥିରେ ଉପସ୍ଥିତ ଥିଲେ JSW/Inspire Institute of Sport (IIS) ର ଟେକ୍ନିକାଲ ଡିରେକ୍ଟର ଓ କଳିଙ୍ଗ ଷ୍ଟାଡିୟମର High Performance Center ର ମୁଖ୍ୟ ଡୋଗ୍ଲାସ ଇଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଟିଭିଏସ୍ ଆପାଚିର ୨୦ ବର୍ଷ ପୂର୍ତ୍ତି ଅବସରରେ ଲିମିଟେଡ୍ ଏଡିସନ୍ ଓ ପ୍ରିମିୟମ୍ ଅପ୍‌ଗ୍ରେଡ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୭।୯ (ନି.ପ୍ର) : ବିଶ୍ୱସ୍ତରୀୟ ଅଟୋମୋବାଇଲ୍ କମ୍ପାନି ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଆଇକନିକ୍ ମୋଟରସାଇକଲ୍ ଟିଭିଏସ୍ ଆପାଚିର ୨୦ ବର୍ଷ ପୂର୍ତି ପାଳନ କରାଯାଉଛି। ଏହି ଅବସରରେ କମ୍ପାନି ପକ୍ଷରୁ ଆପାଚୀର ବିଭିନ୍ନ ମଡେଲ୍ ଯଥା ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦, ୧୮୦, ୨୦୦ ଏବଂ ଟିଭିଏସ୍ ଆପାଚୀ ଆର୍‌ଆର୍୩୧୦ ଓ ଆର୍‌ଟିଆର୍ ୩୧୦ର ଲିମିଟେଡ୍ ଏଡିସନ୍ ଉନ୍ମୋଚନ କରାଯାଇଥିଲା ବେଳେ ଆର୍‌ଟିଆର୍ ୧୬୦ ୪ଭି ଏବଂ ଆର୍‌ଟିଆର୍ ୨୦୦ ୪ଭିର ମାନଦଣ୍ଡକୁ ଉନ୍ନତ କରାଯାଇଛି। ଏହି ଲିମିଟେଡ୍ ଏଡିସନ୍ ଆପାଚିଗୁଡ଼ିକ ସ୍ୱତନ୍ତ୍ର ବ୍ଲାକ୍ ସାମ୍ପେନ୍ ଗୋଲ୍ଡ ଲିଭରି ରଙ୍ଗ, ଡୁଆଲ୍ ଟୋନ୍ ଚକ, ୟୁଏସ୍‌ବି ଚାର୍ଜର ଓ ଆହୁରି ଅନେକ ସୁବିଧାସୁଯୋଗ ସହ ଉନ୍ମୋଚିତ ହୋଇଛି। କମ୍ପାନିର ନୂଆ



୪ଭି ଭାରିଆଂଟ୍‌ର ଆପାଚିଗୁଡ଼ିକରେ କ୍ଲାସ୍-ଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ଡିଆର୍‌ଏଲ୍, ଚମତ୍କାର ଏଲଇଡି ଲାଇଟ୍, ୫ ଇଂଚ୍‌ର କନେକ୍ଟେଡ୍ ଟିଏଫ୍‌ଟି କ୍ଲଷ୍ଟର୍, ଟ୍ରାକ୍ସନ୍ କଂଟ୍ରୋଲ୍ ବ୍ୟବସ୍ଥା, ନୂଆ ରଙ୍ଗ, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଆକର୍ଷଣୀୟ ଗ୍ରାଫିକ୍ସ ବ୍ୟବହାର କରାଯାଇଛି। ଆପାଚି ବ୍ରାଣ୍ଡ୍ ସାରା ବିଶ୍ୱର ୮୦ଟି ଦେଶରେ ୬.୫ ନିୟୁତରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର୍ କମ୍ପାନିର ନିର୍ଦ୍ଦେଶକ ଓ ସିଇଓ କେ ଏନ୍ ରାଧାକ୍ରିଷ୍ଣନ୍ କହିଛନ୍ତି ଯେ, "ସାରା ଦୁନିଆର ୬.୫ ନିୟୁତ ଦୃଢ଼ ଟିଭଏସ୍ ଆପାଚି କମ୍ୟୁନିଟି ପ୍ରତି ଆମେ ଗଭୀର ଭାବେ କୃତଜ୍ଞ ଯେଉଁମାନଙ୍କ ଅତୁଟ ବିଶ୍ୱାସ ଓ ଅଭିଳାଷ ଗତ ଦୁଇ ଦଶନ୍ଧିରେ ଆମ ଯାତ୍ରାକୁ ଏକ ସ୍ୱରୂପ ପ୍ରଦାନ କରିଛି। ପ୍ରଦର୍ଶନ ଓ ଦ୍ରୁତଗାମୀ ପ୍ରତି ସେମାନଙ୍କ ଭଲ ପାଇବା ଟିଭିଏସ୍ ଆପାଚିକୁ ସାରା ବିଶ୍ୱର ଅନ୍ୟତମ ଦ୍ରୁତ ଗତିରେ ବଢୁଥିବା ସ୍ପୋର୍ଟସ୍ ମୋଟରସାଇକଲ୍ ବ୍ରାଣ୍ଡ୍‌ରେ ପରିଣତ କରିଛି। ଏହି ମାଇଲଖୁଂଟର ଶ୍ରେୟ ଟିଭିଏସ୍ ମୋଟର କମ୍ପାନିର ସମସ୍ତଙ୍କର ରହିଛି ଯଥା ଆମ ଇଞ୍ଜିନିୟର, ଡିଜାଇନର, କାରଖାନା ଟିମ୍, ଡିଲର୍, ଯୋଗାଣକାରୀ ଏବଂ ସହଯୋଗୀ, ଯେଉଁମାନେ ପ୍ରତିଦିନ ନବସୃଜନର ସୀମାକୁ ବଢ଼ାଇଛନ୍ତି। ଆମେ ଭବିଷ୍ୟତକୁ ଦେଖିବା ବେଳେ ନୂଆ ବର୍ଗରେ ପ୍ରବେଶ କରି ଆପାଚି ପରମ୍ପରାକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ ଦେଉଛୁ, ନୂଆ ବଜାରରେ ପ୍ରବେଶ କରୁଛୁ ଏବଂ କମ୍ୟୁନିଟି ଗଠନ କରୁଛୁ ଯାହା ପରବର୍ତୀ ପିଢ଼ିର ରାଇଡର୍‌ମାନଙ୍କୁ ଅନୁପ୍ରାଣିତ କରିବ।''



# ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନର ଉପଯୋଗ ଦୁର୍ବଳ କରିବାକୁ ବିଜେପି ସରକାରଙ୍କ ଷଡଯନ୍ତ୍ର

ଭୁବନେଶ୍ୱର,୭।୯ (ନି.ପ୍ର) : ଗତ ୧୯୮୯ ମସିହା ଠାରୁ ଆମ ଦେଶରେ ବାସ କରୁଥିବା ହଜାର ହଜାର ବର୍ଷରୁ ସାମାଜିକଅଧିକାରରୁ ବଞ୍ଚିତ ଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ତତକାଳୀନ କଂଗ୍ରେସ ସରକାର ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ପ୍ରଣୟନ କରିଥିଲେ। ଭାରତୀୟ ସମ୍ବିଧାନର ଧାରା ୧୭ ଅନୁସାରେ ଏହି ବର୍ଗର ଲୋକମାନଙ୍କ ଉପରେ ଜାତିଗତ ବିଦ୍ୱେଶ ଯୋଗୁଁ କେହି ଅପରାଧିକ କାର୍ଯ୍ୟ କଲେ ଏହି ଆଇନ ଧାରା ୩ ଅନ୍ତର୍ଗତ ୨୯ ଟି ଏବଂ ଧାରା ୨ ଅନ୍ତର୍ଗତ ୮ ଗୋଟି ଉପଧାରା ଦ୍ୱାରା ସଂପୃକ୍ତ ଆସାମୀକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ସେହିପରି ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ନିୟମ ୧୯୯୫ ମୁତାବକ ୧୮ ଗୋଟି ନିୟମ ରହିଛି ଏବଂ ନିର୍ଦ୍ଦିଷ୍ଟ ଭାବେ ଏହି ଆଇନ ଅନ୍ତର୍ଗତ ନିୟମ-୩,୪,୬,୭,୮,୯,୧୦, ୧୧,୧୨,୧୪ ଓ ୧୬ ଆଦି ବ୍ୟବସ୍ଥା ଏହି ବର୍ଗର ସୁରକ୍ଷା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏହା ଏକ କେନ୍ଦ୍ରିୟ ଆଇନ। ଏହାର ସଂଶୋଧନ ବା ପରିବର୍ତ୍ତନ ପାଇଁ ଆମ ଦେଶର ସଂସଦ କେବଳ ଅଧିକାର ପ୍ରାପ୍ତ ବୋଲି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ମାନସ କୁମାର ମଲ୍ଲିକ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ସେ କହିଥିଲେ ଏହି ଆଇନର ନିୟମ ୭ ଅନ୍ତର୍ଗତ ବ୍ୟବସ୍ଥା ମୁତାବକ କୌଣସି ମାମଲା ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ଅଧିନରେ ପଞ୍ଜିକୃତ ହେଲେ ନିୟମ ୭ ଅନୁସାରେ ଜଣେ ଡି.ଏସ୍.ପି କିମ୍ବା ତଦୁର୍ଦ୍ଧ ପାହ୍ୟା ପୋଲିସ ପଦାଧିକାରୀଙ୍କୁ ମାମଲାର ଅନୁସନ୍ଧାନ ଦାୟିତ୍ୱ ଦିଆଯିବ, ଯିଏକି ପୂର୍ବରୁ ଜଣେ ଅଭିଜ୍ଞ ଅନୁସନ୍ଧାନକାରୀ, ନ୍ୟାୟ ପ୍ରଦାନ ପାଇଁ ମାନସିକ ଦକ୍ଷତା ଏବଂ ଏହି ସ୍ୱତନ୍ତ୍ର ଆଇନର ଉଦେଶ୍ୟକୁ ବୁଝି ଠିକ୍ ମାର୍ଗରେ ଅନୁସନ୍ଧାନ କରି ସବୁଠାରୁ କମ ଦିନ, ଯଥା-୬୦ ଦିନରେ ଅନୁସନ୍ଧାନ ଶେଷକରି ଚାର୍ଜସିଟ କରିବେ। କିନ୍ତୁ ଗତ ତା ୩୦.୮.୨୦୨୫ ରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ବେଆଇନ ଭାବେ ଏହି ନିୟମ ୭ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଫଳରେ ନିୟମ ୭ ରେ ଥିବା ଅନୁସନ୍ଧାନକାରୀ ଅଧିକାରୀ ଡିଏସପି ପରିବର୍ତ୍ତେ ଥାନାର ନିରିକ୍ଷକ ଓ ଉପନିରିକ୍ଷକ ମାନଙ୍କୁ ଅନୁସନ୍ଧାନ ଦାୟିତ୍ୱ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ଥାନା ମାନଙ୍କରେ ରହୁଥିବା ନିରିକ୍ଷକ ଓ ଉପନିରିକ୍ଷକ ମାନେ କ୍ଷତିଗ୍ରସ୍ତ ଏତଲାକାରୀ ମାନଙ୍କୁ ନ୍ୟାୟ ଦେବାରେ ବିଫଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ଥାନାକୁ ଯାଉଥିବା ହଜାର ହଜାର ଏତଲାକାରି ମାନଙ୍କ ଏତଲା ପଞ୍ଜିକରଣ ଦାୟିତ୍ୱରେ ଥିବା ଅଧିକାରୀମାନେ ସଂପୃକ୍ତ ଏତଲା ପଞ୍ଜିକରଣ ନକରିବା ଦ୍ୱାରା କ୍ଷତିଗ୍ରସ୍ତ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ବହୁଳ ଭାବେ ନ୍ୟାୟରୁ ବଞ୍ଚିତ ହୋଇଥାନ୍ତି। ଅପରପକ୍ଷେ ଅତ୍ୟାଚାର କରୁଥିବା ଆସାମୀମାନେ ଏହାଦ୍ୱାରା ପରୋକ୍ଷରେ ପ୍ରୋତ୍ସାହନ ପାଇ ଅଧିକ ଅତ୍ୟାଚାର ଘଟାଇଥାନ୍ତି। ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଗତ ଉପରୋକ୍ତ ନିୟମ ଗୁଡ଼ିକର ପ୍ରାୟୋଗିକ ସୁପରିଚାଳନା ନକରି ବରିଷ୍ଠ ଅଧିକାରୀ ମାନଙ୍କ ଦ୍ୱାରା ରହିଥିବା ଅନୁସନ୍ଧାନ ନିୟମଟିକୁ କୋହଳ କରି ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର କ୍ଷତିଗ୍ରସ୍ତ ଓ ଅତ୍ୟାଚାରିତ ଲୋକଙ୍କୁ ନ୍ୟାୟର ବଞ୍ଚିତ କରିବାପାଇଁ ଷଡଯନ୍ତ୍ର କରିଛନ୍ତି। ଉକ୍ତ ସ୍ୱତନ୍ତ୍ର ଆଇନଟି କେନ୍ଦ୍ର ସରକାରଙ୍କ ପ୍ରସ୍ତାବରେ ଦେଶର ସଂସଦର ସୀକୃତି ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ସମସ୍ତ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଉଛି ଏବଂ ଏହି ଆଇନର ସଂଶୋଧନ କ୍ଷମତା କେବଳ ଆମ ସଂସଦର ଅଧିକାର ଅନ୍ତର୍ଗତ,ହେଲେ ରାଜ୍ୟ ସରକାର ଏହି ମାମଲା ଅନୁସନ୍ଧାନ ନିୟମରେ ପରିବର୍ତ୍ତନ କରି ଅନୁସୂଚିତ ଜାତି ଓ ଜନଜାତିଙ୍କୁ କିପରି ନ୍ୟାୟ ପ୍ରଦାନ କରିବାକୁ ଚାହୁଁଛନ୍ତି ତାହା ସ୍ୱଷ୍ଟ ବୁଝାପଡୁଛି। ଏଣୁ ରାଜ୍ୟ ବିଜେପି ସରକାର ଗତ ୩୦.୮.୨୦୨୫ ବିଜ୍ଞପ୍ତିର ପ୍ରତ୍ୟାହାର କରିବାକୁ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଦାବି କରୁଛି। ଯଦି ଏହି ବିଜ୍ଞପ୍ତି ପ୍ରତ୍ୟାହାର ନହୁଏ ତେବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ରାଜରାସ୍ତାକୁ ଓହ୍ଲାଇବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପୂର୍ବତନ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବି ପ୍ରକୋଷ୍ଠର ଅଧ୍ୟକ୍ଷ ହଳଧର ସେଠୀ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅନିମା ମିଞ୍ଜି ଓ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ, ରାଜ୍ୟ ଅନୁସୂଚିତ ଜାତି ବିଭାଗ ସାଧାରଣ ସମ୍ପାଦକ ଶ୍ରୀବସ୍ତ ମଲ୍ଲିକ, ବିଭାଗର ସମ୍ପାଦକ ସଂଜୟ କୁମାର ମଲ୍ଲିକ, ବିକାଶ ଦାସ, ପ୍ରମୋଦ ମଲ୍ଲିକ, ଉଦକର ଜେନା, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ପୋଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ସଚେତନତା

ମାଲକାନଗିରି,୭।୯ (ନି.ପ୍ର) : କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୋଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ ରହିବା ଉଦ୍ଦେଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ଅଜିତ ସିଂ ବରିହା ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଭଗବାନ ସାହୁ ଓ ସ୍ଥାନୀୟ ପିଇଓ ରେବତୀନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶ୍ରୀ ବରିହା ଆଜିର ସମାଜରେ କିଛି ଅଶାଳୀନ ବ୍ୟକ୍ତିଙ୍କ ବିକୃତ ଓ କୁତ୍ସିତ ମାନସିକତା ଯୋଗୁଁ ମହିଳାମାନେ ନାନା ପ୍ରକାରର ଦୁରାଚାର , ବ୍ୟଭିଚାର ଓ ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି , ଏହି ଭଳି କାରଣରୁ ବହୁତ୍ ସମୟରେ ସେମାନେ ଅନ୍ୟ ପନ୍ଥା/ଉପାୟ ନପାଇ ଶେଷରେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟ କାର୍ଯ୍ୟକୁ ଆପଣେଇଥାନ୍ତି, କିନ୍ତୁ ସଭ୍ୟ ସମାଜରେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟ କାମର କୌଣସି ସ୍ଥାନ ନାହିଁ, ଏବଂ ଏଥିପାଇଁ ସରକାର ଓ ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତନ୍ମଧ୍ୟରୁ ଉକ୍ତ ପିଡିତାଙ୍କୁ ସୁରକ୍ଷା ଯୋଗାଇଦେବା, ମାନସିକ ସ୍ଥିତିକୁ ସୁଦୃଢ଼ ପାଇଁ କାଉଁସେଲିଙ୍ଗ ସହାୟତା ଦେବା, ମହିଳା ହେଲ୍ପଲାଇନ ର ସାହାଯ୍ୟ ନେବା ସହିତ ଉକ୍ତ ବିଷୟରେ ତୁରନ୍ତ ନିଜର ପାରିବାରିକ ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ୧୧୨ ଦ୍ୱାରା କଲ୍ ମାଧ୍ୟମରେ ଜଣାଇବା ଦ୍ୱାରା ପୋଲିସ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାସହ, ପିଡିତାଙ୍କୁ ପ୍ରାଥମିକ ସୁରକ୍ଷା ଯୋଗାଇଥାନ୍ତି । ଅନ୍ୟ ଅତିଥି ମାନେ ମଧ୍ୟ ସମାଜରେ ଘଟୁଥିବା ଏଭଳି କୁତ୍ସିତ ଘଟଣା ପାଇଁ ଯୁବ ସମାଜର ବେପରୁଆ ମନୋଭାବ ପ୍ରଦର୍ଶନ, ମାଦକ ଦ୍ରବ୍ୟର ବ୍ୟାପକ ସେବନ, ମୋବାଇଲ ଦ୍ୱାରା ବିଭିନ୍ନ ଅସାମାଜିକ ଓ ଅଶ୍ଳୀଳ ଚିତ୍ରୋତ୍ତୋଳନ ସହ ମହିଳାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ଏହାର ପ୍ରମୁଖ କାରଣମାନ ବୋଲି କହିଥିଲେ । ଏହି ଅବସରରେ ଗ୍ରାମର ବିଭିନ୍ନ ବୟୋବ୍ୟକ୍ତି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀଙ୍କ ସହ ସ୍ଥାନୀୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ମହାବିଦ୍ୟାଳୟର ପ୍ରାୟ ୫୦ ରୁ ଉର୍ଦ୍ଧ ଛାତ୍ରୀମାନେ ଉପସ୍ଥିତ ରହି, ନାରୀ ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ ରହିବା ଦିଗ ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଯାହାର ସନ୍ତୋଷଜନକ ଉତ୍ତର ପୋଲିସ ଅଧିକାରୀମାନେ ଦେଇଥିଲେ । 'ଆମ ପୋଲିସ' ର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଜନ ସାଧାରଣ ପ୍ରଶଂସା କରିବା ସହ ଆଗାମୀ ଦିନରେ, ଏହାକୁ ଏକ ବ୍ୟାପକ ସ୍ତରରେ କରିବାକୁ ଅନୁରୋଧ କରିଛନ୍ତି । କାର୍ଯ୍ୟକ୍ରମ ରେ କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡିର କନେଷ୍ଟବଳ ନେପାଳ ଚନ୍ଦ୍ର ସାହୁ, ଜୟସିଂହ ପୂଜାରୀ, ଗୃହରକ୍ଷୀ ସଭାପତି ଝୋଡିଆ, ବିରେନ୍ଦ୍ର କୁଆସୀ ଓ ରାମଚନ୍ଦ୍ର ମାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ ।

# ଶୀତଳା ଠାକୁରାଣୀ ଟ୍ୟୁଟୋରିଆଲ୍ସ ପକ୍ଷରୁ ୧୮ଜଣ ଶିକ୍ଷାବିତ ସମ୍ବର୍ଦ୍ଧିତ

ଜଳେଶ୍ୱର,୭/୯(ନିପ୍ର)- ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ ଅବସରରେ ନାମ୍ପୋଠାରେ ପ୍ରତିଷ୍ଠିତ ଶୀତଳକ୍ଷ ଠାକୁରାଣୀ ଟ୍ୟୁଟୋରିଆଲ୍ସ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି।ପ୍ରାଧାପକ ଯତୀନ କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ଦୁର୍ଗେଶ କୁମାର ନାୟକ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିଲେ।ମୁଖ୍ୟଅତିଥି ଭାବରେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରାଧାପକ କୃତିବାସ ସାହୁ ଯୋଗଦେଇ ଗୁରୁ ଯୁଗେ ଯୁଗେ ପୁଜ୍ୟ ଓ ନମସ୍ୟ ବୋଲି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଦୀନକୃଷ୍ଣ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ.ମାନସ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ଅନୁଷ୍ଠାନର ଉପଦେଷ୍ଟା ସୁକୁମାର ରଣା,ଆରତୀ ଦାସ, ସୁନୀଲ କୁମାର ନାୟକ, ସୁଷମା ରାଣୀ ଭୂୟାଁ, ପ୍ରଫୁଲ୍ଲ କୁମାର ଗିରି, କାଳୀଚରଣ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଅନ୍ୟତମ ଅତିଥି ରୂପେ ମୋନାଲିସା ଆଚାର୍ଯ୍ୟ, ଅମିତା ରାଣୀ ପରିଡ଼ା,ଅଧାପିକା ରାଧାରାଣୀ ମହାନ୍ତି ଓ ବନ୍ଦନା ଦାଶ,ଅଧାପକ ଚିନ୍ମୟ କୁମାର ଗିରି,ଦେବବ୍ରତ ପ୍ରଧାନ ଓ ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗଦେଇ ଗୁରୁ - ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧାପକ ଦୁର୍ଗେଶ କୁମାର ନାୟକ ଓ ନାରାୟଣ ଚନ୍ଦ୍ର ପରିଡ଼ା,ସମାଜସେବୀ ସମୀର କୁମାର ପରିଡ଼ା ପ୍ରମୁଖ ସମସ୍ତ ୧୮ଜଣ ଶିକ୍ଷାବିତ,ଅଧାପକ ଓ ଅଧାପିକା ମାନଙ୍କୁ ସମ୍ବର୍ଦ୍ଧନା ଉତ୍ତରୀୟ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥଲେ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରାଜସ୍ଥାନ ଓ କେରଳର ପାରମ୍ପରିକ ବାଦ୍ୟ, ଲୋକନୃତ୍ୟରେ ମେଲାଣି ନେଲେ ଗଣପତି

କାକଟପୁର,୭।୯ (ନି.ପ୍ର) : କାକଟପୁର ଅଞ୍ଚଳର ସର୍ବପୁରାତନ ଏବଂ ମା ମଙ୍ଗଳା ସେବକମାନଙ୍କ ଦ୍ୱାରା ଆୟୋଜିତ ମଙ୍ଗଳା ବଜାର ଗଣେଶ ଭସାଣି ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା । ମଙ୍ଗଳା ମନ୍ଦିର ନିକଟରୁ ଗଣେଶଙ୍କ ଭସାଣି ଯାତ୍ରା କାକଟପୁରର ସେବକ ସାହି, ମୁଖ୍ୟ ବଜାର ପରିକ୍ରମା କରିଥିବା ବେଳେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆୟୋଜକ କମିଟି ପକ୍ଷରୁ ରାଜସ୍ଥାନର ମଟକା ଡ୍ୟାନ୍ସ , କର୍ଣ୍ଣାଟକର କ୍ରିଷ୍ଣା ଲାଇଟ ଝାଙ୍କି , କେରଳର ମେଲମ ବାଜା , ଚେନ୍ନାଇର ସାଉଥ ମେଫେଟ , ମୁମ୍ବାଇ ଅନ୍ଧେରିରୁ ଜୋକର ଡ୍ୟାନ୍ସ , ବାଣପୁର ଭବବତୀର ଡ୍ରମ ବାଜା , ବଲାଙ୍ଗୀର ଫେମସ ଜାଗୁଲାଇର ସିଂହବାଜା , ବାଲେଶ୍ୱରର ଟେଡି ଡ୍ୟାନ୍ସ ସାଙ୍ଗକୁ ଘଣ୍ଟ ଘଣ୍ଟା ବଜାଇ କାକଟପୁର ବଜାରକୁ ପ୍ରକମ୍ପିତ କରିଦେଇଥିବା ବେଳେ ଝୁମିଥିଲେ ସେବକ ସାହିର ପ୍ରତ୍ୟେକ ଯୁବ ପୀଢ଼ି, ଦର୍ଶକମାନେ ଘଣ୍ଟା ଘଣ୍ଟା ଧରି ଉପସ୍ଥିତ ରହି ଭସାଣି ଉତ୍ସବକୁ ମନୋଭରୀ ଉପଭାଗ କରିଥିଲେ । ଏହି ଭସାଣି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ କାକଟପୁର ଥାନା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଶୋଭାଯାତ୍ରା ଶେଷରେ ପୁଣ୍ୟତୋୟା ପ୍ରାଚୀ ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା । ସେବକ ସାହି ତରଫରୁ ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ତପନ କୁମାର ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ଅଶୋକ କୁମାର ଦୀକ୍ଷିତ, ଶିବାଜୀ ପଣ୍ଡା, ସୂର୍ଯ୍ୟକାନ୍ତ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ,ମାନସ କୁମାର ଦୀକ୍ଷିତ,ହରିହର ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପାରେଶ୍ୱର ପାଢ଼ୀ, ଜୀବନ ଜ୍ୟୋତି ଦୀକ୍ଷିତ, ସ୍ୱାଧୀନ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟଧାରା କୁ ସୁପରିଚାଳନା କରିଥିଲେ ।



# ସାର ପାଇଁ ସଂଘର୍ଷ: କଳବଲ ହେଉଛନ୍ତି ଚାଷୀ

ଛତ୍ରପୁର, ୭/୯ : ସାର ପାଇଁ ସଂଘର୍ଷ । ବର୍ଷାରେ ଭିଜି ଭିଜି ପ୍ୟାକସ ତଥା ଯୋଗାଣ କେନ୍ଦ୍ର ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଲଣ୍ଡା ବାଉଁଶ ପ୍ୟାକସ ରେ ଦେଖିବାକୁ ମିଳିଛି ଏପରି ଚିତ୍ର । ଆବଶ୍ୟକ ଅନୁଯାୟୀ ସାର ବସ୍ତା ନଥିବା ବେଳେ ଶହରୁ ଅଧିକ ଲୋକ ଲମ୍ବା ଧାଡ଼ି ଲଗାଇଛନ୍ତି । କିଏ ସକାଳ ୫ ଟାରୁ ତ କିଏ ୬ ଓ ୭ ଟାରୁ ଧାଡ଼ିରେ ଜଗି ରହିଛନ୍ତି । ଯାହାକୁ ଫସଲ ନିମନ୍ତେ ୭ ବସ୍ତା ସାର ଆବଶ୍ୟକ ଥିବା ତାଙ୍କୁ ମିଳୁଛି ୧ବସ୍ତା, ସେପଟେ ଲଣ୍ଡା ବାଉଁଶ ପ୍ୟାକସ କୁ ସାର ୨୨୫ ବସ୍ତା ଆସିଥିବା ବେଳେ ୧୦୦୦ ବସ୍ତା ସାର ଆବଶ୍ୟକତା ରହିଛି ବୋଲି ଦାୟିତ୍ୱ ଥିବା ଅଧିକାରୀ କହିଛନ୍ତି, ଅନ୍ୟପଟେ ସମବାୟ ଓ କୃଷି ବିଭାଗୀୟ ଅଧିକାରୀ ସାର ମହଜୁଦ ଅଛି ବୋଲି କହୁଛନ୍ତି ହେଲେ ଚାଷୀକୁ ମିଳୁନି । ଫଳରେ ଚାଷୀ ବାହାରୁ ଧାର୍ଯ୍ୟ ଦାମ୍ ଠାରୁ ଅଧିକ ଦର ଦେଇ ସାର କିଣୁଛନ୍ତି । ଅସାଧୁ ବ୍ୟବସାୟୀ ମାଲାମାଲ ହୋଇଛନ୍ତି । ସାର ପାଇଁ କଳବଳ ହେଉଛନ୍ତି ଚାଷୀ । ସାରର ଅଭାବ ନାହିଁ ସରକାର କହୁଛନ୍ତି । ତା'ସତ୍ତ୍ୱେ ଚାଷୀଙ୍କୁ ସାର ନମିଳିବା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନାମକୁ ମାତ୍ର ଅଧିକାରୀ ମାନେ ଗୋଦାମ ଏବଂ ବିଭିନ୍ନ ଯୋଗାଣ କେନ୍ଦ୍ର ରେ ଚଢ଼ାଉ କରି ଯାଞ୍ଚ କରାଯାଉଛି ବୋଲି ଫୋଟ ଉଠାଇ ତାହା କାଗଜ କଲମ ରେ ଦେଖାଇ ଦେଉଛନ୍ତି, ପ୍ରକୃତ ରେ ସେମାନେ ଚାଷୀଙ୍କ କଥା ବୁଝୁ ନଥିବା ଅଭିଯୋଗ କରିଛନ୍ତି ଋଷି କୂଲ୍ୟା ରୟତ ମହାସଭା ର ସମ୍ପାଦକ ସିମାଞ୍ଚଳ ନାହାକ, ଏହା ସହ ସୋସାଇଟି କୁ ଗୁରୁତ୍ୱ ନଦେଇ ଘରୋଇ ଡିଲର କୁ ସରକାର ଅଧିକ ପ୍ରୋତ୍ସାହନ ଦେଉଛନ୍ତି କାହା ସ୍ୱାର୍ଥ ନିମନ୍ତେ ବୋଲି ମଧ୍ୟ ଶ୍ରୀ ନାହାକ ପ୍ରଶ୍ନ କରିଛନ୍ତି, ଚାଷୀ ହେଉଛି ଆମର ଅନ୍ନଦାତା ତାଙ୍କ ପାଇଁ କାହାର ଦରଦ ନାହିଁ, ସାରର ଅଭାବକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ,ବଡ଼ ବଡ଼ିଆ ଅଧିକାରୀ ମାନେ ନିର୍ଦ୍ଦେଶ ଦେଉଛନ୍ତି ସିନା ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରୁ ନାହାନ୍ତି, ଫୋଟ ଉଠାଇ ହ୍ୱାଟସପ ଏବଂ ଟୁଇଟର ଛାଡି ନିଜ ନିଜ ଦାୟିତ୍ୱ ତୁଲାଇଲା ଭଳି ଦେଖାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି, ସାର ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି, ଯାହାକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବା ବେଳେ, ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୂଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି, କିନ୍ତୁ ଚାଷୀ ମାନେ କଣ ରାଜ୍ୟ ର ଲୋକ ନୁହଁନ୍ତି କି ବୋଲି ଚାଷୀ ନେତା ମାନେ ପ୍ରଶ୍ନ କରିଛନ୍ତ। ସାର ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ, ସରକାର ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ, ନଚେତ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସିପିଆଇ ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ ଚେତାବନୀ ଦେଇଛନ୍ତି। ସେହିପରିସରକାର ଚାଷୀ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବା ନିମନ୍ତେ ଚାଷୀ ନେତା ତଥା ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି ଦାବୀ କରିଛନ୍ତି।



# ଦିଲ୍ଲୀର ବିକାଶପୁରୀଠାରେ ଗଣେଶ ମହୋତ୍ସବ ସମାପନ

ନୂଆଦିଲ୍ଲୀ,୭।୯ : ପଶ୍ଚିମ ଦିଲ୍ଲୀସ୍ଥିତ ବିକାଶ ପୁରୀ ଠାରେ ୨୫ତମ ବାର୍ଷିକ ଗଣେଶ ମହୋତ୍ସବ ମହା ସମାରୋହରେ ସମାପନ ହୋଇଯାଇଥିବା ଜଣାଯାଇଛି। ଗଜାନନଙ୍କ ପୂଜା ଉପଲକ୍ଷେ ଆରାଧନା ମଣ୍ଡପ ଓ ସାଂସ୍କୃତିକ ମଞ୍ଚକୁ ଖୁବ ସୁନ୍ଦର ଏବଂ ଆକର୍ଷକ ଭାବରେ ସଜା ଯାଇଥିବାର ଦେଖାଯାଇଥିଲା। ଭକ୍ତିପୂତ ଓ ଆଧାତ୍ମିକ ପରିବେଶ ମଧ୍ୟରେ ଅପରାହ୍ନରେ ମଙ୍ଗଳ ମୂର୍ତ୍ତିଙ୍କର ପ୍ରତିଷ୍ଠା ବିଧି ମୁତାବକ ପୂଜାରୀ ରଘୁନାଥ ରଥଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଦିନ ଅଢ଼େଇ ଟା ସମୟରେ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡିଆ ଓ ଅଣଓଡ଼ିଆ ଭକ୍ତଗଣ ସେମାନଙ୍କର ପରିବାର ଓ ପରିଜନଙ୍କ ସହିତ ବୁଦ୍ଧିଦାତାଙ୍କର କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀଗଣେଶ ପୂଜା କମିଟି ଓଡ଼ିଆ ସମାଜ ଦ୍ୱାରା ଆୟୋଜିତ ଚଳିତ ବର୍ଷର ଉତ୍ସବକୁ କେନ୍ଦ୍ରକରି ଆୟୋଜନ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ସାଧାରଣ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା।

ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆର୍ଯ୍ୟା ହସ୍ପିଟାଲର ଅଧ୍ୟକ୍ଷ ଡଃ ମନିସ୍ ସିଂହ ବିକାଶ ପୁରୀ ଠାରେ ଓଡିଆ ସମ୍ପ୍ରଦାୟ ଦ୍ୱାରା ନିୟମିତ ଭାବରେ ଆୟୋଜନ କରାଯାଉଥିବା ବାର୍ଷିକ ଗଣେଶ ପୂଜା ବର୍ତ୍ତମାନ ଏକ ଗଣପର୍ବର ସ୍ୱରୁପ ଧାରଣ କରିଥିବାରୁ, ଆୟୋଜକ ଶ୍ରୀଗଣେଶ ପୂଜା କମିଟିକୁ ଏଥିପାଇଁ ସାଧୁବାଦ ଜଣାଇ, ଏହି ମହାନ ପରମ୍ପରାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଏଡାର ସେକ୍ଟର ୧୨୧ ସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଡ଼ଃ ମନୋରଞ୍ଜନ ମହାନ୍ତି, କଳିଙ୍ଗ ବୀର ସେବା ସଂଘର ସଭାପତି ମନୋଜ ସାହୁ ଓ ଜୀବନଜ୍ୟୋତି ଡାକ୍ତର ଖାନାର ମୁଖ୍ୟ ଡାକ୍ତର ବିନାୟକ ପ୍ରସାଦ ପ୍ରମୁଖ ସମ୍ମାନୀୟ ଅତିଥି ଭାବରେ ସାମିଲ୍ ହୋଇ ଏହି ଉତ୍ସବ ଆୟୋଜନର ଭୁରି ଭୁରି ପ୍ରଶଂସା କରିଥିଲେ।



# ଏସ୍.ବି.ଆଇ. ନୂଆ ବଜାର ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ

ଭଦ୍ରକ,୭।୯ (ନି.ପ୍ର) : ଭଦ୍ରକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରେର ଷ୍ଟେଟ୍ ବେଙ୍କ ଅଫ ଇଣ୍ଡିଆ, ନୂଆ ବଜାର, ଭଦ୍ରକଶାଖା ପକ୍ଷରୁ ଗୁରୁ ଦିବସ ଉପଲେକ୍ଷ ଗୁରୁପୂଜନ କାର୍ଯ୍ୟ କ୍ରମ ଏସ. ବି.ଆଇ ଶାଖା ପ୍ରବନ୍ଧକ ନିଗମାନନ୍ଦ ନାୟକଙ୍କ ପୌରହିତ୍ୟେର ପାଳିତ ହୋଇ ଯାଇଅଛି। ଉକ୍ତ ଉତ୍ସବେର ବିପଦଭଞ୍ଜନ ପାଢ଼ୀ ବେଦପାଠ ଓ ମୁକୁନ୍ଦ କୃଷ୍ଣ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରେଫସର ଅଟଳ ବିହାରୀ ନାୟକ ଗୁରୁ ସାକ୍ଷାତ୍ ଈଶ୍ୱର ଏବଂ ଜେଣ ଗୁରୁ ଆଦଶର୍ବାଦୀ ହେେଲ ସୁସ୍ଥ ସମାଜ ଗଢ଼ି ଉଠିବ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଡଃ ନିତ୍ୟାନନ୍ଦ ମିଶ୍ର, ଡଃ ମନୀନ୍ଦ୍ର ମହାନ୍ତି, ନିହାର ରଂଜନ କର , ଡଃ ନିରଞ୍ଜନ ଦାଶ ଓ ଡଃ ଗିରିଜା ଶଙ୍କର ପତି ପ୍ରମୁଖ ଯୋଗ ଦାନ କରି ଗୁରୁଙ୍କର ମହିମା ତଥା ଦେଶ ହିତେର ଗୁରୁଙ୍କର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ନୂଆ ବଜାର ଶାଖା ପକ୍ଷରୁ ଶତାଧିକ ଆଦର୍ଶ ଶିକ୍ଷକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମେନାରମା ଆର୍ଯ୍ୟ, ଶୈଳନ୍ଦ୍ର ନାରାୟଣ ପାଢ଼ୀ, ନିଳିମା ପଣ୍ଡା, କଶିୋର ପାଣିଗ୍ରାହୀ, ବିଜୟ ବହଳୀ, ପ୍ରିୟଙ୍କା ପ୍ରିୟ ଦର୍ଶିନୀ ନାୟକ, ନିରନ ନାୟକ, ରତିକାନ୍ତ ବେହେରା, ମେନାଜ କୁମାର ସାହୁ, ରବୀନ୍ଦ୍ର ହୋତା, ଅରବିନ୍ଦ ଦିକ୍ଷୀତ, ବର୍ଣ୍ଣିତା ମିଶ୍ର, ଶୁଭ୍ରଜିତ୍ ମିଶ୍ର, ବିମ୍ବାଧର ସେନାପତି, ଋତୁରାଜ ଅକ୍ଷୟ ପ୍ରଭୃତି ଶିକ୍ଷକ ଓ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ଏବଂ ଶାଖାର କ୍ଷେତ୍ର ପରିଚାଳିକା ସଂଘମିତ୍ରା ଆଚାର୍ଯ୍ୟ, ମାନସ ରଂଜନ ସାହୁ, କ୍ରିଷ୍ଣା ରାଣୀ ନାୟକ, ଅମର କୁମାର ବାରିକ, ଚିନ୍ମୟ ଦାସ ମହପାତ୍ର, ବିଜୟ କ, ସତ୍ୟଜିତ୍ ମଲ୍ଲିକ, ସସ୍ମିତା ନାୟକ, ଶିକ୍ଷାବିତ୍ ଅଭୟ କୁମାର ଦାସ, ପ୍ରମୁଖ ସଭା ପରିଚାଳନା କରିଥିବା ବେେଳ ମେନାଜ କୁମାର ସାହୁ ଧନ୍ୟବାଦ ଅପର୍ଣ କରିଥିଲେ।





